ବର୍ଷ-୨୬, ସଂଖ୍ୟା-୨୯୬
ଭୁବନେଶ୍ୱର
ନଭେମ୍ବର, ୦୫, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 296
Bhubaneswar
November, 05, 2026, Thursday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

 କୋହଲିଙ୍କ ରେକର୍ଡ



'ଅର୍ଣ୍ଣବ' ପ୍ରଭାବିତଙ୍କୁ ୧୦୭.୭୦ କୋଟିରୁ ଅଧିକ ଟଙ୍କାର ଅନୁକମ୍ପା ସହାୟତା

୭ ଯାଏଁ ଗଞ୍ଜାମରେ ସ୍କୁଲ୍ ଛୁଟି

ଭୁବନେଶ୍ୱର,୪।୧୧(ମହାଭାରତ); ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ତୁରନ୍ତ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ବାତ୍ୟା ପ୍ରଭାବିତଙ୍କ ପାଇଁ ଘୋଷଣା ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ ଅଧୀନରେ ପ୍ରଭାବିତ ଲୋକଙ୍କୁ ନଗଦ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି।



ସୂଚନା ଅନୁସାରେ, ଅର୍ଣ୍ଣବ ପ୍ରଭାବିତଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଏସଆରସି ଆଜି ୧୦୭.୭୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାକୁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଓ କୋରାପୁଟ ଜିଲ୍ଲାକୁ ୨୬.୨୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବାତ୍ୟା ପ୍ରଭାବିତଙ୍କୁ ପରିବାର ପିଛା ୨୫୦୦ଟଙ୍କା ହାରରେ ଏହି ନଗଦ ସହାୟତା ପ୍ରଦାନ କରାଯିବ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୨୯ ହଜାର ୭୮୨ଟି ପ୍ରଭାବିତ ପରିବାର ଓ କୋରାପୁଟ ଜିଲ୍ଲାର ୧୦୫୧ଟି ପରିବାର ବାତ୍ୟାରେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

ଏହି ନଗଦ ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ହସ୍ତାନ୍ତର କରାଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ଏହି ସହାୟତା ରାଶି ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟବେଳେ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ ଆର୍ଥିକ ସହାୟତା ଓ ରିଲିଫ୍ ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଚଳିତମାସ ୭ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବନ୍ଦ ରହିଲେ ମଧ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରେ ଉପସ୍ଥିତ ରହି ନିଜ ନିଜ ଦାୟିତ୍ୱ ତୁଲାଇବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇବା ଓ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପ୍ରୟାସ ଜାରି ରଖିଛି।



ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ସ୍ଥିତି, ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ତ୍ୱରିତ ସହାୟତା ତଥା ନିରନ୍ତର ସହଯୋଗ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଲି ବୋଲି କହିଛନ୍ତି।

ବେସରକାରୀ ଅନୁଦାନପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ଭୁବନେଶ୍ୱର,୪।୧୧(ମହାଭାରତ): ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ଖୁସି ଖବର । ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ଉପକୃତ ହେବେ ।

ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା । ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ । ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ।

କୋଟିଆରୁ ଫେରିଗଲା ପୁଲିଂ ପାର୍ଟି

୮ ପ୍ଲାଟୁନ ଫୋର୍ସ ମୁତୟନ କଲା ଓଡ଼ିଶା

କୋରାପୁଟ,୪।୧୧(ମହାଭାରତ); କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ଏବେ ନୂଆ ମୋଡ଼ ନେଇଛି। ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତିର କରି ଆନ୍ଧ୍ରପ୍ରଦେଶ ସରକାର ଆସନ୍ତାକାଲି କୋଟିଆ ଗ୍ରାମପୁଞ୍ଜରେ ପଂଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ବିଫଳ ହୋଇଛି। ଆନ୍ଧ୍ରର ଏଭଳି ଏକତରଫା ଦାଦାଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ରର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିଂ ପାର୍ଟି ଆଜି କୋଟିଆ ଛାଡ଼ିଥିବା ଜଣାପଡ଼ିଛି।

ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଂଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି। ସୀମାନ୍ତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଉ ୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି

ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ସରକାର ନଭେମ୍ବର ୫ତାରିଖରେ କୋଟିଆରେ ମଣ୍ଡଳ ଓ ପଂଚାୟତ ନିର୍ବାଚନ କରିବା ନିମନ୍ତେ ପୁଲିଂ ପାର୍ଟି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି କରିସାରିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଓ କୋରାପୁଟ ଜିଲ୍ଲା ପ୍ରଶାସନର ଚାପ ପରେ ଏହି ପୁଲିଂ ପାର୍ଟି ଫେରିଯାଇଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ସ୍ୱାର୍ଥ ସବୁଦଳର ନେତା ଓ କର୍ମୀମାନେ କୋଟିଆରେ ଏକଜୁଟ ହୋଇ ସୀମା ଜଗିଛନ୍ତି ।ଏହାସହିତ କୋଟିଆରେ ଆସନ୍ତାକାଲି ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ ଥିବା ସୂଚନା ମିଳିଛି।

ଏପଟେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରହସନକୁ କୌଣସି ପରିସ୍ଥିତିରେ ବି ସଫଳ ହେବାକୁ ଦିଆଯିବ ନାହିଁ। ଆଇନ ଉଲ୍ଲଂଘନ କରୁଥିବା ଆନ୍ଧ୍ର ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ଦାଏର କରାଯାଇଛି ଓ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। କୋଟିଆରେ ରାସ୍ତାଘାଟ, ସ୍କୁଲ ଓ ସମସ୍ତ ମୌଳିକ ଭିତ୍ତିଭୂମି ଓଡ଼ିଶା ହିଁ ନିର୍ମାଣ କରିଛି। ସେଠାରେ ଓଡ଼ିଶାର କାର୍ଯ୍ୟରତ ସରପଂଚ ତଥା ସମିତି ସଭ୍ୟ ରହିଛନ୍ତି। କୋଟିଆରେ ଆନ୍ଧ୍ରର ଗୋଟିଏ ହେଲେ ପ୍ରଶାସନିକ କାର୍ଯ୍ୟାଳୟ ନାହିଁ କିମ୍ବା ପୋଲିସ ଚେକପୋଷ୍ଟ ନାହିଁ। ଗତଥର ଏକ ଚର୍ଚ୍ଚ ଭିତରେ ବେଆଇନ ଭାବେ ପୋଲିଂ ଷ୍ଟେସନ କରି ନିର୍ବାଚନ କରିବାକୁ ଚେଷ୍ଟା କରାଯାଇଥିବାବେଳେ, ଏଥର କୋଟିଆ ଭିତରେ ଗୋଟିଏ ବି ପୋଲିଂ ଷ୍ଟେସନ କରିବାକୁ ସୁଯୋଗ ଦିଆଯାଇ ନାହିଁ। କେବଳ କୋଟିଆ ନୁହେଁ, ଅନ୍ୟ ସମସ୍ତ ସୀମାନ୍ତ ବିବାଦୀୟ ସ୍ଥାନ ଉପରେ ମଧ୍ୟ ସରକାର କଡ଼ା ନଜର ରଖିଛନ୍ତି। ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋଟିଆ ପ୍ରସଙ୍ଗରେ ଏବେ ରାଜ୍ୟର ସମସ୍ତ ରାଜନୀତିକ ଦଳ ଗୋଟିଏ ସ୍ୱରରେ ଏକାଠି ହୋଇ ସେମାନଙ୍କର ବିରୋଧ ଦର୍ଶାଉଛନ୍ତି।



ଶ୍ରୀ ପୂଜାରୀ ଆହୁରି ମଧ କହିଛନ୍ତି ଯେ, କୋଟିଆ(କକ୍ଷପସବ) ବିବାଦ କୌଣସି ନୂଆ ଘଟଣା ନୁହେଁ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ବିବାଦ ରହିଆସିଛି। ୧୯୩୬ ମସିହାରେ ଭାଷାଭିତ୍ତିରେ ଗଠିତ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେବା ଦିନଠାରୁ ଏହି ପ୍ରସଙ୍ଗ ଅସମାହିତ ହୋଇ ପଡ଼ିରହିଛି। ୨୦୦୬ ମସିହାରେ ଉଭୟ ଆନ୍ଧ୍ର ଓ ଓଡ଼ିଶାକୁ ସେଠାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏବେ ଆନ୍ଧ୍ର ସରକାର ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବମାନନା କରି ବଳପୂର୍ବକ ନିର୍ବାଚନ କରିବାକୁ ଚେଷ୍ଟା କରୁଥିବାରୁ ଏକ ଗମ୍ଭୀର ସାମ୍ବିଧାନିକ ସଙ୍କଟ ଉପୁଜିଛି।

ପୋଖରୀକୁ ଡେଇଁଲେ ଏସ୍ଆଇ

୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଭୁବନେଶ୍ୱର,୪।୧୧(ମହାଭାରତ); ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହନ୍ତ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି।

ଏକ ମାମଲାକୁ ରଫାଦଫା କରିବା ପାଇଁ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତ ଜଣେ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସେ ସେହି ମାମଲାର ତଦନ୍ତ ଅଧିକାରୀ ଥିଲେ।

ଆଜି ସନ୍ଧ୍ୟାରେ ସେ ଅଭିଯୁକ୍ତଙ୍କୁ ଫୋନ୍ କରିଥିଲେ ଓ ଥାନା ବାହାରେ ଭେଟିବାକୁ କହିଥିଲେ। ଅଭିଯୁକ୍ତ ତାଙ୍କ ଥାନା ବାହାରେ ଭେଟି ଥିଲେ ଓ ଲାଞ୍ଚ ଅର୍ଥ ଦେଇଥିଲେ। ତେବେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ସେ ଭିଜିଲାନ୍ସ ଜାଲରେ ଫସି ଯାଇଥିବା ଜାଣିବାକୁ ପାଇଥିଲେ। ସେଥିପାଇଁ ସେ ସେଠାରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ।

ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତି ଲାଞ୍ଚ ଅର୍ଥ ଧରି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ତେବେ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ଏହା ଦେଖି ସେ ନିକଟସ୍ଥ ଏକ ପୋଖରୀ ଭିତରକୁ ପଶି ଯାଇଥିଲେ। ହେଲେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଛାଡ଼ି ନଥିଲେ। କିଛି ଭିଜିଲାନ୍ସ କର୍ମଚାରୀ ପୋଖରୀ ଭିତରକୁ ଡ଼ଇଁଥିଲେ ଓ ପହଁରି ପହଁରି ଯାଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କୁ କାବୁ କରି କୂଳକୁ ଆଣିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଶ୍ରୀ ମହନ୍ତଙ୍କର ଏକାଧିକ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। ଏହି ସମୟରେ ଥାନା ପରିସରରେ ଥିବା ତାଙ୍କ ରେଷ୍ଟ ରୁମ୍‌ରୁ ୧ ଲକ୍ଷ ୫୫ ହଜାର ୭୦୦ ଟଙ୍କା ଜବତ କରିଥିଲା। ଏହି ଘଟଣାକୁ ନେଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କ ନାଁରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଉଲ୍ଲେଖଯୋଗ୍ୟ, ସୁଜିତ କୁମାର ମହାନ୍ତ ୨୦୨୧ ମସିହାରେ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୁଲିସ ଏସ୍ଆଇ ଭାବେ ଚାକିରିରେ ଯୋଗ ଦେଇଥିଲେ।

ବଢ଼ିଲା ଅମୂଲ ଘିଅ, ବଟର ଦାମ୍

ନୂଆଦିଲ୍ଲୀ ୪।୧୧(ମହାଭାରତ): : ଦୀପାବଳି ପାଖେଇ ଆସୁଛି, ଏବଂ ବିଭିନ୍ନ ପ୍ରକାରର ମିଠା, ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ସମୟରେ, ରୋଷେଇ ଘରେ ପୁଣି ହୋଇଛି ମହଙ୍ଗାମାଡ଼। ଦେଶର ସବୁଠାରୁ ବିଶ୍ୱସ୍ତ ଡାଏରୀ ବ୍ରାଣ୍ଡ ଅମୂଲ, ପର୍ବ ପୂର୍ବରୁ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି କରିଛି। କମ୍ପାନୀ ସିଧାସଳଖ ୧ କିଲୋଗ୍ରାମ ଅମୂଲ ଘିଅ ପ୍ୟାକେଟର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରିଛି, ୫୦୦ ଗ୍ରାମ ବଟର ପ୍ୟାକେଟ ମଧ୍ୟ ୧୫ ଟଙ୍କା ମହଙ୍ଗା ହୋଇଛି। ଏହା ବ୍ୟତୀତ ଗୁଜରାଟ ସମେତ ଦେଶର ଅନେକ ପ୍ରମୁଖ ସହରରେ ଅମୂଲ ଘିଅ ଅଭାବ ଦେଖାଯାଇଥିବା ଜଣାପଡ଼ିଛି। ନକଲି ଘିଅ ଉପରେ କଟକଣା ଏବଂ ବିଶ୍ୱସ୍ତ ବ୍ରାଣ୍ଡର ଚାହିଦା: ସାମ୍ପ୍ରତିକ ଦିନରେ, ଗୁଜରାଟ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦,୦୦୦ କିଲୋଗ୍ରାମ ଭେଜାଲ/ନକଲି ଘିଅ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପରେ, ଗ୍ରାହକମାନେ ସ୍ଥାନୀୟ କିମ୍ବା ଅଣବ୍ରାଣ୍ଡେଡ୍ ଘିଅରୁ ଅମୂଲ ଭଳି ବିଶ୍ୱସ୍ତ ବ୍ରାଣ୍ଡକୁ ସ୍ଥାନାନ୍ତରିତ ହୋଇଛନ୍ତି, ଯାହା ଫଳରେ ଚାହିଦା ହଠାତ୍ ବୃଦ୍ଧି ପାଇଛି। ଦେଶର ମୋଟ ବାର୍ଷିକ ବ୍ୟବହାରରେ ପ୍ରାୟ ୪୫% ପର୍ବପର୍ବାଣୀ ଋତୁ ପାଇଁ। ଦୀପାବଳି ପୂର୍ବରୁ ଚାହିଦାର ଏହି ବୃଦ୍ଧି ଯୋଗାଣ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଛି। ସେପ୍ଟେମ୍ବର ୨୦୨୫ରେ, ଯେତେବେଳେ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସଟି ହାର ୧୨% ରୁ ୫% କୁ ହ୍ରାସ କରାଯାଇଥିଲା, ସେତେବେଳେ ଅମୂଲ ୧ ଲିଟର ଘିଅ ପ୍ୟାକେଟର ମୂଲ୍ୟ ୬୫୦ ରୁ ୬୧୦ ଏବଂ ବଟର ୩୦୫ ରୁ ୨୮୫ କୁ ହ୍ରାସ କରିଥିଲା।

ବିପଦସଙ୍କୁଳ ପାହାଡ଼ରୁ ହଟିବେ ଲୋକ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୪।୧୧(ମହାଭାରତ): ଗିଡ଼ିପାବଲି ଭୂସ୍ଖଳନ ଘଟଣା ପରେ ଆକ୍ସନ ମୋଡ୍‌କୁ ଆସିଛନ୍ତି ରାଜ୍ୟ ସରକାର। ଭବିଷ୍ୟତରେ ଏଭଳି ଅଘଟଣ ଓ ଧନଜୀବନ ହାନି ରୋକିବା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କରାଯିବ। ବିପଦସଙ୍କୁଳ ପାହାଡ଼ ଉପରେ ଏବଂ ପାହାଡ଼ ତଳେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବେ ସରକାର।ରାଜସ୍ୱ ମନ୍ତ୍ରୀ ସୁରେଶ



ପୂଜାରୀ କହିଛନ୍ତି, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଶହ ଶହ ପାହାଡ଼ ସହ ଅନେକ ଭୂସ୍ଖଳନ ସମ୍ଭାବନା ଥିବା ସ୍ଥାନ ରହିଛି। ଏହି ସବୁ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ନିଆଯିବ। ଏଥିପାଇଁ କେତେ ଲୋକ ପାହାଡ଼ ଉପରେ ଓ ତଳେ ବସବାସ କରୁଛନ୍ତି, ତାହାର ସର୍ଭେ ଆରମ୍ଭ ହୋଇଛି।ସ୍ଥାନାନ୍ତରିତ ହେବାକୁ ଥିବା ପରିବାରଗୁଡ଼ିକ ପାଇଁ ଅନ୍ୟ ସୁରକ୍ଷିତ ସ୍ଥାନରେ ନୂଆ ବସ୍ତି ନିର୍ମାଣ କରାଯିବ। ଏଥିସହ ସେମାନଙ୍କୁ ଘର ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ସରକାର କରିବେ। ଭୂସ୍ଖଳନ ଭଳି ବିପର୍ଯ୍ୟୟରୁ ଲୋକଙ୍କ ଜୀବନ ରକ୍ଷା କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।ସେହିପରି ଗିଡ଼ିପାବଲି ଭୂସ୍ଖଳନରେ ବଞ୍ଚିଯାଇଥିବା ପରିବାରଗୁଡ଼ିକୁ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିବ। ରେସ୍କ୍ୟୁ ଅପରେସନକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।ଗିଡ଼ିପାବଲି ଘଟଣା ପରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଭୂସ୍ଖଳନପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ହେବାକୁ ଯାଉଛି।

ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟକା

ରିପବ୍ଲିକାନଙ୍କ ଶୋଚନୀୟ ପରାଜୟ, ଡେମୋକ୍ରାଟିକ୍ ପାର୍ଟି ହାସଲ କଲା ବହୁମତ

ୱାଶିଂଟନ ୪।୧୧(ମହାଭାରତ); : ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟକା। ରିପବ୍ଲିକାନ୍ ପାର୍ଟିକୁ ହରାଇ ଡେମୋକ୍ରାଟିକ୍ ପାର୍ଟି ବିଜୟ। ୫୧ ଆସନ ହାତେଇବା ସହ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଛି ବହୁମତ। ମୋଟ୍ ୧୦୦ ଆସନ ମଧ୍ୟରୁ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଲା ୫୧। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପରାଜୟବରଣ କରିଛି। ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ସିନେଟରେ ୫୧ଟି ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୨୧୮ଟି ଆସନ ଜିତି ବହୁମତ ହାସଲ କରିଛି।



୨୦୨୬ ମସିହାର ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ଡେମୋକ୍ରାଟମାନେ ୨୦୨୦ ପରେ ପ୍ରଥମ ଥର ପାଇଁ ସେନେଟରେ ବହୁମତ ଏବଂ ଗୃହର ନିୟନ୍ତ୍ରଣ ହାସଲ କରିଛନ୍ତି। ବର୍ତ୍ତମାନର ଧାରା ଦର୍ଶାଉଛି ଯେ ଡେମୋକ୍ରାଟ ପାର୍ଟିର ବହୁମତ ୫୧ରେ ପହଞ୍ଚିଛି। ଟେକ୍ସାସ, ଦକ୍ଷିଣ କାରୋଲିନା ଏବଂ ଉତ୍ତର କାରୋଲିନା ଭଳି ରିପବ୍ଲିକାନ ଗଡ଼ରେ ଡେମୋକ୍ରାଟଙ୍କ ବିଜୟ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଗଣିତକୁ ବଦଳାଇ ଦେଇଛି। ଦଳ ଜର୍ଜିଆ ଏବଂ ନ୍ୟୁ ହାମ୍ପଶାୟାରରେ ମଧ ପ୍ରମୁଖ ଆସନ ବଜାୟ ରଖିଛି। ଆଇନ ପାସ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ଅନୁମୋଦନ କରିବା ଟ୍ରମ୍ପଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇପାରେ।ଡେମୋକ୍ରାଟିକ୍ ପାର୍ଟି ୫୧ ସଂଖ୍ୟାଗରିଷ୍ଠତାରେ ପହଞ୍ଚିଛି। ଏହା ଦ୍ୱାରା ହାଉସ୍ ଉପରେ ରିପବ୍ଲିକାନ୍ ପାର୍ଟିର ନିୟନ୍ତ୍ରଣ ଶେଷ ହୋଇଛି।

ନିର୍ବାଚନରେ, ଡେମୋକ୍ରାଟ୍‌ମାନେ ଦୀର୍ଘ ସମୟ ଧରି ରିପବ୍ଲିକାନ୍ ଦ୍ୱାରା ପ୍ରଭାବିତ ରାଜ୍ୟଗୁଡ଼ିକରେ ମଧ ବିଜୟୀ ହୋଇଥିଲେ। ଟେକ୍ସାସ, ଦକ୍ଷିଣ କାରୋଲିନା ଏବଂ ଉତ୍ତର କାରୋଲିନା ଭଳି ରାଜ୍ୟରେ ବିଜୟ ଆମେରିକୀୟ ରାଜନୀତିର ଗତିଶୀଳତାକୁ ପରିବର୍ତ୍ତନ କରିଛି। ଜର୍ଜିଆ ଏବଂ ନ୍ୟୁ ହାମ୍ପଶାୟାରରେ ମଧ ଡେମୋକ୍ରାଟ୍‌ମାନେ ସେମାନଙ୍କର ଆସନ ବଜାୟ ରଖିବାରେ ସଫଳ ହୋଇଥିଲେ। ଫଳାଫଳକୁ ଟ୍ରମ୍ପଙ୍କ ଲୋକପ୍ରିୟତା ଏବଂ ରାଜନୈତିକ ପ୍ରଭାବ ପାଇଁ ଏକ ବଡ଼ ଆଘାତ ବୋଲି ବିବେଚନା କରାଯାଉଛି। ଏହି ପରାଜୟର ଅର୍ଥ ହେଉଛି ଟ୍ରମ୍ପ ଏବେ ଏକ ମହାଶକ୍ତିଶାଳୀ ରାଷ୍ଟ୍ରର ଜଣେ ଶକ୍ତିହୀନ ରାଷ୍ଟ୍ରପତି ହୋଇଯାଇଛନ୍ତି, ଯେହେତୁ ସେ କୌଣସି ବିଲ୍ ପାରିତ କରିପାରିବେ ନାହିଁ।

ଆମେରିକାରେ ନଭେମ୍ବର ୩ ତାରିଖରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ଗଣନା ଆରମ୍ଭ ହେବା ସହିତ ଫଳାଫଳ ଏବେ ରିପୋର୍ଟ କରାଯାଉଛି। ୧୦୦ ସିନେଟ୍ ଆସନ ପାଇଁ ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଥିଲା। ନିର୍ବାଚନ ପୂର୍ବରୁ, ରିପବ୍ଲିକାନ୍ ପାର୍ଟି ୫୩ ଆସନରେ ଥିଲା, ଯେତେବେଳେ ଡେମୋକ୍ରାଟ୍‌ମାନେ ୪୭ ଆସନରେ ଥିଲେ। ଫଳାଫଳ ସମ୍ପୂର୍ଣ୍ଣ ଗଣିତକୁ ବଦଳାଇ ଦେଇଛି। ଡେମୋକ୍ରାଟ୍‌ମାନେ ଅନେକ ରିପବ୍ଲିକାନ୍ ଆସନ ଦଖଲ କରିଛନ୍ତି, ସେନେଟରେ ବହୁମତ ହାସଲ କରିଛନ୍ତି। ଟ୍ରମ୍ପ ନିଜେ ଅନେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ ଏବଂ ଖୋଲାଖୋଲି ଭାବରେ ସେମାନଙ୍କୁ ସମର୍ଥନ କରିଥିଲେ। ଏହା ସତ୍ତ୍ୱେ, ଦଳ ପରାଜୟ ବରଣ କଲା। ବର୍ତ୍ତମାନ ଡେମୋକ୍ରାଟମାନେ ସେନେଟ୍ ଉପରେ ନିୟନ୍ତ୍ରଣ ରଖିଥିବାରୁ, ଟ୍ରମ୍ପଙ୍କ ପାଇଁ ତାଙ୍କ ଅବଶିଷ୍ଟ କାର୍ଯ୍ୟକାଳରେ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ଆହୁରି କଷ୍ଟକର ହୋଇପାରେ।

ନବୀନଙ୍କ କୋଟିଆ ଚିଠି

ଭୁବନେଶ୍ୱର,୪।୧୧(ମହାଭାରତ); କୋଟିଆ ସ୍ଥିତିକୁ ନେଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଉଦବେଗ ଜଣାଇଛନ୍ତି। ଗତ ଅକ୍ଟୋବର ୧୯ରେ ସେ ଲେଖିଥିବା ପତ୍ରର ଉତ୍ତର ଅକ୍ଟୋବର ୨୭ରେ ମୁଖ୍ୟମନ୍ତ୍ରୀ ଦେଇଥିବାବେଳେ, ତୃଣମୂଳ ସ୍ତରରେ ଓଡ଼ିଶା ଓ ଆନ୍ଧ୍ର ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି ବୋଲି ନବୀନ ଦର୍ଶାଇଛନ୍ତି। ଓଡ଼ିଶାବାସୀଙ୍କ ବିରୋଧ ସତ୍ତ୍ୱେ ଆସନ୍ତାକାଲି ଆନ୍ଧ୍ର ନିର୍ବାଚନ କରାଇବାକୁ ଆଗକୁ ବଢୁଥିବାରୁ, କେନ୍ଦ୍ର ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚସ୍ତରରେ ତୁରନ୍ତ କଥାବାର୍ତ୍ତା କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ଓ ଆନ୍ଧ୍ର ଉଭୟ ରାଜ୍ୟ ଏନଡିଏ ମେଣ୍ଟ ଦ୍ୱାରା ଶାସିତ ହେଉଥିବାରୁ, ବିଜେପି ନିଜ ୨୦୨୪ ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା କରିବା ମୁଖ୍ୟମନ୍ତ୍ରୀଙ୍କର ଏକ ନୈତିକ ଦାୟିତ୍ୱ ବୋଲି ସେ ଚେତାଇ ଦେଇଛନ୍ତି। ବିଜେପି ନେତୃତ୍ୱ ନିଜ ନିର୍ବାଚନୀ ପ୍ରତିଶ୍ରୁତିର ସମ୍ମାନ ରଖି କୋଟିଆ ପ୍ରସଙ୍ଗରେ ତୁରନ୍ତ ଫଳପ୍ରଦ ପଦକ୍ଷେପ ନେବେ ବୋଲି ନବୀନ କହିଛନ୍ତି।



ଜୀବନଚର୍ଯ୍ୟା



ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ



ଖବର


କୁରୁକ୍ଷେତ୍ରରେ ଅନ୍ତିମ କ୍ରିୟାକ୍ରମ

ମହାଭାରତରେ ଏବେ ବି ଅନେକ ରହସ୍ୟ ଲୋକଙ୍କ ନିକଟରେ ଅଜଣା ରହିଛି। ଆସନ୍ତୁ ଜାଣିବା ମହାଭାରତ ଯୋଦ୍ଧାମାନଙ୍କର କିଛି ଗୁପ୍ତ ରହସ୍ୟ ସଂପର୍କରେ : ଭଗବାନ ବିଷ୍ଣୁ କୃଷ୍ଣ ରୂପରେ ଏବଂ ବଳରାମ ଶେଶନାଗଙ୍କ ଅଂଶ ଥିଲେ । ୮ ବସୁଙ୍କ ମଧ୍ୟରେ 'ଧୁ' ନାମକ ବସୁ ଭୀଷ୍ମ ରୂପରେ ଜନ୍ମ ଗ୍ରହଣ କରିଥିଲେ । ଦେବଗୁରୁ ବୃହସ୍ପତି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ରୂପରେ ଜନ୍ମ ନେଇଥିଲେ । ଅଶ୍ୱତ୍ଥମା ରୁଦ୍ରଙ୍କ ଅଂଶାବତାର ଥିଲେ । ଦୁର୍ଯ୍ୟୋଧନ କଳିଯୁଗ ତଥା ୧୦୦ ଭାଇ ପୁଲସ୍ତ୍ୟଙ୍କ ବଂଶର ରାକ୍ଷସଙ୍କ ଅଂଶ ଥିଲେ । ସୂର୍ଯ୍ୟଦେବଙ୍କ ପୁତ୍ର କର୍ଣ୍ଣ, ଇନ୍ଦ୍ରଙ୍କ ପୁତ୍ର ଅର୍ଜୁନ, ପବନ ପୁତ୍ର ଭୀମ ଏବଂ ଧର୍ମରାଜଙ୍କ ପୁତ୍ର ଯୁଧିଷ୍ଠିର ଏବଂ ଅଶ୍ୱିନୀକୁମାରଙ୍କ ସନ୍ତାନ ଥିଲେ ନକୁଳ ଓ ସହଦେବ । ରୁଦ୍ରଙ୍କର ଏକ ଅଂଶ କୃପାଚାର୍ଯ୍ୟ ଭାବେ ଜନ୍ମ ନେଇଥିଲେ । ଦ୍ୱାପର ଯୁଗର ଅଂଶ ଶଙ୍ଖୁନି, ଅରିଷ୍ଟାଙ୍କ ପୁତ୍ର ହଂସ ନାମକ ଗନ୍ଧର୍ବ ଧୃତରାଷ୍ଟ୍ର ଓ ପଣ୍ଡୁ ଭାବେ ଜନ୍ମଗ୍ରହଣ କରିଥିଲେ । ସୂର୍ଯ୍ୟଙ୍କ ଅଂଶ ଥିଲେ ବିଦୁର । କୁନ୍ତି ଓ ମାଦ୍ରୀଙ୍କ ରୂପରେ ସିଦ୍ଧି ଏବଂ ଧୃତିକା ଜନ୍ମ ହୋଇଥିଲେ । ମରୁତଗଣଙ୍କ ଅଂଶ ଥିଲେ ସାତ୍ୟକୀ, ଦ୍ରୁପଦ, କୃତବର୍ମା ଏବଂ ବିରାଟ । ଅଗ୍ନିଙ୍କ ଓ ଧୃଷ୍ଟଦ୍ୟୁମ୍ନଙ୍କ ଅଂଶ ଶିଖଣ୍ଡୀ ଭାବେ ଜନ୍ମ ହୋଇଥିଲେ । ବିଶ୍ୱ ଦେବଗଣ ଦ୍ରୌପଦୀଙ୍କ ପାଞ୍ଚ ପୁତ୍ର ପ୍ରତିବିନ୍ଧ, ସୁତସୋମ, ଶ୍ରୁତକୀର୍ତ୍ତି, ଶତାନୀକ ଏବଂ ଶ୍ରୁତସେବ ରୂପରେ ଜନ୍ମ ହୋଇଥିଲେ । କାଳନେମୀ ଦୈତ୍ୟ କଂସ ରୂପ ଧାରଣ କରିଥିଲା । ମହାଭାରତର ଆଉ ଏକ ରହସ୍ୟ ହେଲା ଭବିଷ୍ୟତରେ ଘଟିବାକୁ ଥିବା ସମସ୍ତ ଘଟଣା ସହଦେବ ପୂର୍ବରୁ ଜାଣି ପାରୁଥିଲେ। ସଂଜୟ ମନଯାନ ବିଦ୍ୟାରେ ପାରଙ୍ଗମ ଥିଲେ। କୁହାଯାଏ ଯେ, ଶ୍ରୀକୃଷ୍ଣଙ୍କ ଗୀତା ଉପଦେଶ କେବଳ ଦୁଇଜଣ ଶୁଣି ପାରିଥିଲେ । ପ୍ରଥମ ଅର୍ଜୁନ ଓ ଦ୍ୱିତୀୟରେ ସଂଜୟ ଗୀତା ରହସ୍ୟ ଶୁଣି ପାରିଥିଲେ। ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥମା ସବୁ ବିଦ୍ୟାରେ ପାରଙ୍ଗମ ଥିଲେ । ପ୍ରଥମ ଦିନରୁ ହିଁ ଯୁଦ୍ଧକୁ ଅନ୍ତ କରିବାର



ସାମର୍ଥ୍ୟ ତାଙ୍କର ଥିଲା । ତେବେ କୃଷ୍ଣ ଏପରି ହେବାକୁ ଦେଲେ ନାହିଁ । ମହାଭାରତରେ କୌଣସି ବ୍ୟକ୍ତି ସ୍ୱାଭାବିକ ପ୍ରକ୍ରିୟାରେ ଜନ୍ମ ଗ୍ରହଣ କରି ନାହାନ୍ତି । ଶ୍ରୀକୃଷ୍ଣଙ୍କ ଜନ୍ମ କାରାଗାର ମଧ୍ୟରେ । ଭୀଷ୍ମଙ୍କ ଜନ୍ମ ଗଙ୍ଗାଙ୍କ ସର୍ତ୍ତ ଅନୁସାରେ । ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର କୌଣସି ପୁତ୍ର ନ ଥିଲେ। ବେଦବ୍ୟାସଙ୍କ କୃପାରୁ ଧୃତରାଷ୍ଟ୍ରଙ୍କର ୯୯ ପୁତ୍ର ଓ ୧ ପୁତୀ ଥିଲେ । ସେହିପରି କୁନ୍ତୀଙ୍କୁ ଦେବତାଙ୍କ ବରଦାନ ଯୋଗୁଁ ୫ ପୁତ୍ର ସୃଷ୍ଟି ହୋଇଥିଲେ। ତେବେ ସେମାନେ ପଣ୍ଡୁଙ୍କ ପୁତ୍ର ନ ଥିଲେ । ମହାଭାରତରେ ଦ୍ରୌପଦୀ ଏକମାତ୍ର ସ୍ତ୍ରୀ ଥିଲେ ଯାହାଙ୍କର ପାଞ୍ଚପତି ଥିଲେ । କୁହାଯାଏ ଯେ, ମହାଭାରତ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସମସ୍ତ ଯୋଦ୍ଧା ଯଥା: ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, ଦୁର୍ଯ୍ୟୋଧନ, ଅଭିମନ୍ୟୁ, ଦ୍ରୌପଦୀଙ୍କ ପୁତ୍ର, କର୍ଣ୍ଣ, ଶିଖଣ୍ଡୀ ଆଦି ଗୋଟିଏ ରାତି ପାଇଁ ପୁନଃଜିବିତ ହୋଇଥିଲେ । ଏହି ଘଟଣା ମହାଭାରତ ଯୁଦ୍ଧ ଶେଷ ହେବାର ୧୫ ବର୍ଷ ପରେ ଘଟିଥିଲା । ମହାଭାରତ ଯୁଦ୍ଧରେ ମୃତ୍ୟୁ ଲଭିଥିବା ସମସ୍ତ ଯୋଦ୍ଧାଙ୍କର ଅନ୍ତିମ କ୍ରିୟାକର୍ମ ଯୁଧିଷ୍ଠିର କରାଇଥିଲେ । ଯେତେବେଳେ ଧୃତରାଷ୍ଟ୍ର, କୁନ୍ତୀ, ବିଦୁର, ଗାନ୍ଧାରୀ ଏବଂ ସଂଜୟ ବନରେ ଥିଲେ ଧୃତରାଷ୍ଟ୍ରଙ୍କ ଆଶ୍ରମକୁ ବେଦବ୍ୟାସଙ୍କ ଆଗମନ ହୋଇଥିଲା । ବେଦବ୍ୟାସ କହିଲେ ଆଜି ମୁଁ ମୋର ତପସ୍ୟାର ପ୍ରଭାବ ଦେଖାଇବି । ତୁମର ଯାହା ଇଚ୍ଛା ବର ମାଗିନେବ । ସେତେବେଳେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ମହାଭାରତ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ପୁତ୍ର ଏବଂ କୁନ୍ତି କର୍ଣ୍ଣଙ୍କୁ ଦେଖିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ଦ୍ରୌପଦୀ ମଧ୍ୟ ନିଜର ପରିଜନଙ୍କୁ ଦେଖିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ ।

ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ



ସମସ୍ୟା ଦେଖାଦେଇଥାଏ । ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା

ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୂତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ



ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ। ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

ବିବାହ ଦୋଷ ଦୂର ହୁଏ:

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କତେରି ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଲ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ୍ୟ ହୋଇଥାଏ ।

ଓଁ ଧ୍ୱନିରେ ଲୁଚି ରହିଛି ବିଶ୍ୱ ବ୍ରହ୍ମାଣ୍ଡ

ଓଁ ଧ୍ୱନି ସାରା ବିଶ୍ୱରେ ଗୁଞ୍ଜରଣ ହୋଇଥାଏ । ସେଥିପାଇଁ ଓଁ ଉଚ୍ଚାରଣ ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଏହି ଧ୍ୱନି ମନୁଷ୍ୟର ଶ୍ରବଣ କ୍ଷମତାଠାରୁ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଯେଉଁମାନେ ସାଧନା କରିବାକୁ ଚାହିଁଥାନ୍ତି ସେମାନେ ଏହି ଚମତ୍କାରୀ ଧ୍ୱନିକୁ ଶୁଣି ପାରନ୍ତି । ତିନିଟି ଅକ୍ଷର ଅ, ଉ ଏବଂ ମ୍ କୁ ମିଶାଇ ହୋଇଛି ଓଁ । ଓଁ ଈଶ୍ୱରଙ୍କର ୩ଟି ସ୍ୱରୂପ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ସଂଯୁକ୍ତ ରୂପ । ଓଁରେ ହିଁ ସୃଷ୍ଟି, ପାଳନ ଏବଂ ବିନାଶ । ଓଁ ମନ୍ତ୍ରର ସଠିକ ପ୍ରୟୋଗ ଦ୍ୱାରା ଜୀବନର ସବୁ ସମସ୍ୟା ଦୂର କରାଯାଇପାରେ । ଓଁର ସଠିକ ଉଚ୍ଚାରଣ ଦ୍ୱାରା



ଈଶ୍ୱରଙ୍କ ନିକଟ ହୋଇପାରିବେ । ଓଁ ଧ୍ୱନି ଏତେ ପବିତ୍ର ଯେ ମୁନିଋଷି ପ୍ରତ୍ୟେକ ମନ୍ତ୍ର ପୂର୍ବରୁ ଓଁ ଯୋଡି ଦେଇଛନ୍ତି । ଓଁ ସହ ଜଡିତ ହେବାପରେ ମନ୍ତ୍ରର ଶକ୍ତି ଅନେକ ଗୁଣ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । କିନ୍ତୁ ଓଁ ମନ୍ତ୍ର ଉଚ୍ଚାରଣର ମଧ୍ୟ କିଛି ନିୟମ ରହିଛି । ଉଚ୍ଚାରଣ ସମୟରେ ଏହି ନିୟମ ପାଳନ କରିବା ଉଚିତ । ଓଁ ଉଚ୍ଚାରଣ ବ୍ରହ୍ମ ମୁହୂର୍ତ୍ତରେ କିମ୍ବା ସଂଧ୍ୟା ସମୟରେ କରିବା ଉଚିତ । ମନ୍ତ୍ରର ସଠିକ ଲାଭ ପାଇବା ପାଇଁ ଏହାର ସଠିକ ଉଚ୍ଚାରଣ ପଦ୍ଧତି ଶିଖିବା ଆବଶ୍ୟକ। ଓଁ ଉଚ୍ଚାରଣ ସମୟରେ ମେରୁଦଣ୍ଡ ସିଧା ରହିବା ଉଚିତ । ଉଚ୍ଚାରଣ ପୂରା କରିବାର ୧୦ ମିନିଟ ଯାଏଁ ଜଳ ସ୍ପର୍ଶ କରିବା ଉଚିତ ନୁହେଁ । ଡାହାଣ ହାତରେ ତୁଳସୀ ପତ୍ର ନେଇ ୧୦୮ ଥର ଓଁ ଉଚ୍ଚାରଣ କରନ୍ତୁ । ଉଚ୍ଚାରଣ ପରେ ତୁଳସୀ ପତ୍ରକୁ ପିଇବା ପାଣିରେ ପକାଇ ଏହି ପାଣିକୁ ପିଅନ୍ତୁ । ଏହି ସମୟରେ ତାମସିକ ଆହାର ନ କରିବା ଉଚିତ । ଏହାଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟର ବରଦାନ ମିଳିଥାଏ । ଘରର ମୁଖ୍ୟଦ୍ୱାରର ଉଭୟ ପାର୍ଶ୍ୱରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ । ମୁଖ୍ୟ ଦ୍ୱାର ଉପରେ ଓଁ ଲେଖନ୍ତୁ । ଏହି ପ୍ରୟୋଗ ମଙ୍ଗଳବାର ଅପରାହ୍ନରେ କରିବା ଶୁଭ ହୋଇଥାଏ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ ।



ନଗରନକ୍ସା

ମହାନଗରର ନିଜ ଭାଷା



ବନ୍ୟା ସ୍ଥିତିର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୪।୧୧ (ମହାଭାରତ): ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହ ବିପଦସଂକୁଳ ଓ ପ୍ରଭାବିତ ଅଂଚଳରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ଜଳସେଚନ ଭିତିଭୂମି ଓ ବନ୍ୟା ନିୟନ୍ତ୍ରଣ ବନ୍ଧର ମରାମତି ସହ ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରତିଦିନ କ୍ଷେତ୍ର ପରିଦର୍ଶନ କରି ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ସମଗ୍ର ଡିଭିଜନର ଏକ ଟିମ୍ ?କୁ ନିୟୋଜିତ କରାଯାଇ ମରାମତି କାର୍ଯ୍ୟ ଓ ବିପଦସଂକୁଳ ସ୍ଥାନଗୁଡ଼ିକ ଉପରେ ନଜର ରଖାଯାଇଛି। ସର୍ବୋଚ୍ଚ ଯନ୍ତ୍ରୀ-ତଥା-ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜେନେରାଲ୍ ମ୍ୟାନେଜର, ଓସିସି ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହ ହନୁମାନପାଲି ନିକଟସ୍ଥ ହିରାଧରାଭାଟି ଆନିକଟଠାରେ ଧୋଇଯାଇଥିବା ଋଷିକୁଲ୍ୟା ବନ୍ୟା ନିୟନ୍ତ୍ରଣ ବନ୍ଧ ଓ ମୁଖ୍ୟ କେନାଲର ଆରମ୍ଭିକ ଅଂଶ ପରିଦର୍ଶନ କରିଥିଲେ। ରମଣାଦୀ ମୁଖ୍ୟ କେନାଲର ଆରଡି ୧୪,୩୫୦ ମିଟରଠାରେ କ୍ଷତିଗ୍ରସ୍ତ ସର୍ଭିସ୍ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ରତଙ୍ଗ ଗ୍ରାମ ନିକଟରେ ବଡ଼ନଦୀର ଡାହାଣ ପାର୍ଶ୍ୱ ବନ୍ଧରେ ସୃଷ୍ଟି ହୋଇଥିବା ଘାଇ ବନ୍ଦ କରାଯାଇଛି। ଘୋଡ଼ାହାଡ଼ ନଦୀର ଡାହାଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧର ଖଇରାବେଠୀ ନିକଟସ୍ଥ ଆରଡି ୧୫,୪୦୦ ମିଟର ଏବଂ ହିଞ୍ଜିଳିକାଟୁ ବ୍ଲକ୍ ର ବୈଚବଣିଆ ନିକଟସ୍ଥ ଆରଡି ୨୧,୩୬୦ ମିଟରଠାରେ ମରାମତି କାର୍ଯ୍ୟ ଜାରି ରହିଛି। ଏଥିସହ କୁକୁଡ଼ାଖଣ୍ଡି ନିକଟସ୍ଥ ବି' ବ୍ରାଂଚ କେନାଲ ଏବଂ ଜାକେମେରିପଲ୍ଲୀଠାରେ ଘୋଡ଼ାହାଡ଼ ନଦୀର ବାମ ପାର୍ଶ୍ୱ ସର୍ଭିସ୍ ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ବଡ଼ଗଡ଼ାସ୍ଥିତ ହରଭଙ୍ଗୀ ଜଳସେଚନ ଉପଖଣ୍ଡ-୨ ଅଧୀନରେ ଥିବା ବାମ ପାର୍ଶ୍ୱ ବିତରଣ କେନାଲର ମରାମତି ମଧ୍ୟ ଜାରି ରହିଛି। ଭଞ୍ଜନଗର ଜଳସେଚନ ଡିଭିଜନ ଅଧୀନରେ ଚେରମାରିଆ, କେନ୍ଦୁପଦର ଓ ବେଠୁଆରା ନିକଟରେ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ପିତଳ ସେକ୍ସନ ଅଧୀନରେ ବିଭିନ୍ନ ସ୍ଥାନରେ ଘାଇ ବନ୍ଦ କରିବା କାର୍ଯ୍ୟ ଜାରି ରହିଛି। ଲୋହରାଖଣ୍ଡି ନଦୀର ଖଲାସାହି-ପାତ୍ର କଲୋନୀ ନିକଟସ୍ଥ ବାମ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ବନ୍ଧ ଏବଂ କୁଶପଲ୍ଲୀ ଓ ଭାଲିଆଖାଇ ନିକଟସ୍ଥ ଡାହାଣ ପାର୍ଶ୍ୱ ବନ୍ଧରେ ଅସ୍ଥାୟୀ ଭାବେ ଘାଇ ବନ୍ଦ କରିବା କାର୍ଯ୍ୟ ଚାଲିଛି। ପୁରୁଷୋତମପୁର ବ୍ଲକ୍ ?ର କେଶପୁର ଏବଂ ହାଣ୍ଡିଘର ସେତୁର ଉପରମୁଣ୍ଡରେ ଋଷିକୁଲ୍ୟା ନଦୀରେ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଅଗ୍ରଗତି କରୁଛି।

ରାୟଗଡ଼ା ବ୍ଲକ୍ ର କୋଟାପେଟାସ୍ଥିତ ଆରଡି ବ୍ରିଜ୍ ନିକଟରେ ନାଗାବଳୀ ନଦୀର ଜଳସ୍ଥିତି ଉପରେ ରାୟଗଡ଼ା ଜଳସେଚନ ଉପଖଣ୍ଡ-୧ ପକ୍ଷରୁ ନିରନ୍ତର ନଜର ରଖାଯାଇଛି। କ୍ଷେତ୍ରସ୍ତରୀୟ ରିପୋର୍ଟ ଅନୁଯାୟୀ, ଉକ୍ତ ସମୟରେ ନଦୀର ଜଳସ୍ତର ସ୍ଥିର ରହିଥିଲା। ସେହିପରି ଗଜପତି ଜିଲ୍ଲାର ମହେନ୍ଦ୍ରତନୟା ନଦୀ ନିକଟସ୍ଥ ମାଛମରା ଗ୍ରାମ, ପାରଳାଖେମୁଣ୍ଡି ସେତୁ ଏବଂ ବିଏନ୍ ପ୍ୟାଲେସ୍ ନିକଟରେ ନିରନ୍ତର ନିରୀକ୍ଷଣ କରାଯାଉଛି। ନଦୀର ଜଳସ୍ତର ହ୍ରାସ ପାଉଥିବା ନେଇ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନେ ସୂଚନା ଦେଇଥିବାବେଳେ ସତର୍କତାମୂଳକ ନିରୀକ୍ଷଣ ଜାରି ରହିଛି। ବ୍ରହ୍ମପୁର ଡ୍ରେନେଜ୍ ଡିଭିଜନ ପକ୍ଷରୁ ପୂର୍ବ-ବାତ୍ୟା ପ୍ରସ୍ତୁତିର ଅଂଶସ୍ୱରୂପ ଲାଉଡ଼ି ଗାଁ ସେତୁ ନିକଟସ୍ଥ ବାହାନା ନାଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଆବର୍ଜନା ଓ ଅବରୋଧ ହଟାଯାଇଛି। ଏହାଦ୍ୱାରା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି।



୯୯% ଅଂଚଳରେ ବିଦ୍ୟୁତ ସେବା ସ୍ୱାଭାବିକ

ଭୁବନେଶ୍ୱର,୪।୧୧ (ମହାଭାରତ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଆଠଟି ଜିଲ୍ଲା ଗଞ୍ଜାମ, ଗଜପତି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ, ମାଲକାନଗିରି ଓ କୋରାପୁଟର ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଭିତିଭୂମି କ୍ଷତିଗ୍ରସ୍ତ ହେବା ଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ତେବେ ପବନର ବେଗ ହ୍ରାସ ପାଇବା ପରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କ ନିଷ୍ଠା, ଉତ୍ସର୍ଗୀକୃତ ସେବା ଓ ସମନ୍ୱିତ ପ୍ରୟାସ ଫଳରେ ଅକ୍ଟୋବର ୩୧ ସୁଦ୍ଧା ବାତ୍ୟା ପ୍ରଭାବିତ ଅଂଚଳର ପ୍ରାୟ ୯୯ ପ୍ରତିଶତ ସ୍ଥାନରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିବା ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ବାତ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ଭିତିଭୂମିର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୬,୪୦୦ରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ସୁଦୃଢ଼ କାର୍ଯ୍ୟ ଯୋଜନା, ସମନ୍ୱିତ କ୍ଷେତ୍ରସ୍ତରୀୟ ପ୍ରୟାସ ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧତାର ସହ କାର୍ଯ୍ୟ କରି କର୍ମଚାରୀମାନେ ବୌଦ୍ଧ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ଶତପ୍ରତିଶତ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାରେ ସଫଳ ହୋଇଛନ୍ତି।



୨୦୨୬ ଅକ୍ଟୋବର ୩୧ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ନବରଙ୍ଗପୁର ଜିଲ୍ଲାରେ ୯୯.୬୫ ପ୍ରତିଶତ, କୋରାପୁଟରେ ୯୯.୨୦ ପ୍ରତିଶତ, କନ୍ଧମାଳରେ ୯୯.୧୩ ପ୍ରତିଶତ ଏବଂ ଗଜପତିରେ ୯୬.୦୯ ପ୍ରତିଶତ ବିଦ୍ୟୁତ୍ ସରବରାହ ପୁନରୁଦ୍ଧାର ହୋଇଛି। ସେହିପରି ଗଞ୍ଜାମ ଜିଲ୍ଲାରେ ୯୩.୨୭ ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଛି।

୨୨୯ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ଭୁବନେଶ୍ୱର,୪।୧୧ (ମହାଭାରତ): ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଗଚ୍ଛିତ କରାଯାଇଥିବା ଅଭିଯୋଗକୁ ଭିତିକରି ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ କଳିଙ୍ଗ ନଗର ଅନ୍ତର୍ଗତ ବସନ୍ତ ସାହୁ ଛକଠାରେ ଏକ ପରିତ୍ୟକ୍ତ ଆଜ୍‌ବେଷ୍ଟସ୍ ଘରେ ଅଚାନକ ଚଢ଼ାଉ କରି ସେଠାରୁ ବେଆଇନ୍ ଭାବେ ଗଚ୍ଛିତ ବିଭିନ୍ନ ତୈଳ କମ୍ପାନୀ (ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍)ର ୨୨୯ ଗୋଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ତନ୍ମଧ୍ୟରୁ ୯୦ ଗୋଟି ଇଣ୍ଡେନ, ୩୮ଟି ଭାରତ ଗ୍ୟାସ୍ ଏବଂ ୧୦୧ଟି ହିନ୍ଦୁସ୍ଥାନ କମ୍ପାନୀର ସିଲିଣ୍ଡର ଥିବା ଜଣାଯାଇଛି। ଏଥିସହ ଉକ୍ତ ଘରୁ ଦୁଇଗୋଟି ଗ୍ୟାସ୍ ଭର୍ତି ନିମନ୍ତେ ବ୍ୟବହୃତ ମୋଟର, ପ୍ରେସର ପାଇପ୍, ସିଲିଣ୍ଡର କ୍ୟାପ୍ ଏବଂ ବିଭିନ୍ନ ତୈଳ କମ୍ପାନୀର ପ୍ଲାଷ୍ଟିକ୍ ସିଲ୍ ମଧ୍ୟ ଜବତ ହୋଇଛି।



ସୂଚନାଯୋଗ୍ୟ ଦୀର୍ଘଦିନ ଧରି ଏହି ଅଂଚଳରେ ଖାଉଟି ଗ୍ୟାସ୍ ସିଲିଣ୍ଡର ପାଇବାରେ ଅସୁବିଧା ହେଉଥିବାର ଅଭିଯୋଗ ହେଉଥିଲା। ଖୋରଧା ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଏହି ଚଢ଼ାଉ କରାଯାଇଛି। ଜବତ ହୋଇଥିବା ସିଲିଣ୍ଡର ନିକଟସ୍ଥ ଆଇଓସିଏଲ୍ ଡିଷ୍ଟ୍ରିବ୍ୟୁଟର ସୌମ୍ୟ ଇନଡେନ୍, ବିପିସିଏଲ୍ ଡିଷ୍ଟ୍ରିବ୍ୟୁଟର ପ୍ରମୋଦ ଭାରତ ଗ୍ୟାସ୍ ଓ ଏଚ୍‌ପିସିଏଲ୍ ଡିଷ୍ଟ୍ରିବ୍ୟୁଟର ଲିଙ୍ଗରାଜ ଗ୍ୟାସ୍ ଏଜେନ୍ସିଙ୍କର ଜିମା ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହା କୌଣସି ଏକ ଅସାଧୁ ବେପାରୀ ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ଓ ଖାଉଟିଙ୍କ ନିକଟରୁ ସିଲିଣ୍ଡର ସଂଗ୍ରହ କରି ବଜାରରେ ଚଢ଼ାଦରରେ ବିକ୍ରି କରିବା ପାଇଁ ମସୁଧା କରାଯାଉଛି। ଏଥିରେ ବିଭିନ୍ନ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟରଙ୍କର ସଂପୃକ୍ତି ଥିବାର ତଦନ୍ତ କରାଯାଉଥିବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ର ମିଶ୍ର କହିଛନ୍ତି। ଏହି ଚଢ଼ାଉ ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳ ଶ୍ରୀ ଅମୃତ ଋତୁରାଜଙ୍କର ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା।

କିମ୍ସରେ ଏମ୍‌ବିବିଏସ୍ ଓ ବିଡିଏସ୍ ବ୍ୟାଚ୍‌ର ହ୍ୱାଇଟ୍ କୋଟ୍ ସମାରୋହ

ଭୁବନେଶ୍ୱର,୪।୧୧ (ମହାଭାରତ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍ସ)ରେ ୨୦୨୬ ଏମ୍‌ବିବିଏସ୍ ଓ ବିଡିଏସ୍ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଶୁକ୍ରବାର ହ୍ୱାଇଟ୍ କୋଟ୍ ସମାରୋହ ଅନୁଷ୍ଠିତ ହୋଇଛି। ନବାଗତ ଏମ୍‌ବିବିଏସ୍ ଓ ବିଡିଏସ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଉପଲବ୍ଧ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବା ସହ ନିଜର ସମଗ୍ର ବୃତିଗତ ଜୀବନରେ ନିରନ୍ତର ଜ୍ଞାନ ଆହରଣ ପ୍ରତି ସମର୍ପିତ ରହିବାକୁ ପରାମର୍ଶ ଦେଇଥିଲେ। ନିଜ ପିଲାମାନଙ୍କ ଡାକ୍ତରୀ ଶିକ୍ଷା ପାଇଁ କିମ୍ସ ଉପରେ ଆସ୍ଥା ପ୍ରକଟ କରିଥିବାରୁ ପିଲାଙ୍କ ଅଭିଭାବକମାନଙ୍କୁ ଶ୍ରୀ ସାମନ୍ତ କୃତଜ୍ଞତା ଜଣାଇଥିଲେ। ଏଥିସହ କିଟ୍‌ର ବିଭିନ୍ନ ସ୍କୁଲରେ ଉପଲବ୍ଧ ଜ୍ଞାନ, ଅଭିଜ୍ଞତା ଓ ଶିକ୍ଷାଗତ ସମ୍ବଳର ଉପଯୋଗ କରି ଛାତ୍ରଛାତ୍ରୀମାନେ ନିଜ ଜ୍ଞାନର ପରିସରକୁ ଆହୁରି ବ୍ୟାପକ କରିପାରିବେ ବୋଲି ସେ କହିଥିଲେ।ସେ କହିଲେ, ଏହା ଜ୍ଞାନର ଯୁଗ। ତେଣୁ ପିଲାମାନେ ଜ୍ଞାନର ସର୍ବାଧିକ ଉପଯୋଗ କରନ୍ତୁ। ବର୍ତ୍ତମାନ ସିଭିଲ୍ ସର୍ଭିସ୍ ପରୀକ୍ଷା (ୟୁପିଏସ୍‌ସି)ରେ ଅନେକ ସଫଳ ପ୍ରାର୍ଥୀ ଡାକ୍ତରୀ ପୃଷ୍ଠଭୂମିରୁ ଆସୁଥିବା ଉଦାହରଣ ଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ଡାକ୍ତରୀ ବୃତ୍ତିର ସୀମା ବାହାରେ ମଧ୍ୟ ବିଭିନ୍ନ ସୁଯୋଗ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ।



କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ ଡାକ୍ତରୀ ବୃତ୍ତିକୁ ଏକ ଉତ୍କୃଷ୍ଟ ପେସା ଭାବେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷା ଜୀବନକୁ ଆନନ୍ଦର ସହ ଉପଭୋଗ କରିବାକୁ କହିଥିଲେ। ଜ୍ଞାନ ଆହରଣ ନିଜେ ଏକ ଆନନ୍ଦଦାୟକ ପ୍ରକ୍ରିୟା ହୋଇଥିବାରୁ ପାଠପଢ଼ାକୁ କେବଳ ଏକ ଦାୟିତ୍ୱ ଭାବେ ନ ଦେଖି ଆଗ୍ରହର ସହ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହ ସଫଳ ବୃତିଜୀବୀ ହେବା ପାଇଁ ଆତ୍ମବିଶ୍ୱାସ ବିକଶିତ କରିବାକୁ ଡା. ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ଅଂଶ ହେବାର ସୁଯୋଗ ପାଇଥିବାରୁ ଏହାର ସଦୁପଯୋଗ କରିବାକୁ ମଧ୍ୟ ସେ ସେମାନଙ୍କୁ ମନେ ପକାଇ ଦେଇଥିଲେ। କିମ୍ସ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ଆର. ସି. ଦାସ ଡାକ୍ତରୀ ଶିକ୍ଷାରେ ପ୍ରବେଶକୁ ଛାତ୍ରଛାତ୍ରୀଙ୍କ ଜୀବନର ଏକ ପରିବର୍ତ୍ତନକାରୀ ପର୍ଯ୍ୟାୟ ଭାବେ ଅଭିହିତ କରିଥିଲେ। ହ୍ୱାଇଟ୍ କୋଟ୍ ସମାରୋହ ଏକ ସ୍ମରଣୀୟ ମୁହୂର୍ତ୍ତ, ଯାହାକୁ ଛାତ୍ରଛାତ୍ରୀମାନେ ଜୀବନସାରା ମନେ ରଖିବେ ବୋଲି ସେ କହିଥିଲେ। ଧଳା କୋଟ୍‌କୁ କେବଳ ଏକ ପୋଷାକ ଭାବେ ନୁହେଁ, ବରଂ ନମ୍ରତା ଓ ସମାଜ ପ୍ରତି ଦାୟିତ୍ୱବୋଧର ପ୍ରତୀକ ଭାବେ ଗ୍ରହଣ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ତେବେ ପ୍ରଯୁକ୍ତିବିଦ୍ୟା ଯେପରି ସେମାନଙ୍କ ନିଷ୍ପତିକୁ ନିୟନ୍ତ୍ରଣ ନ କରିବ, ବରଂ ସହାୟକ ଭାବେ କାର୍ଯ୍ୟ କରିବ, ସେଥିପ୍ରତି ସଚେତନ ରହିବାକୁ ସେ କହିଥିଲେ। କିଟ୍ ସ୍କୁଲ୍ ଅଫ୍ ମେଡିସିନ୍‌ର ଉପକୁଳପତି ଡା. ସି.ବି.କେ. ମହାନ୍ତି ଯୁବ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ରୋଗୀଙ୍କ ପ୍ରତି ଦୟା, ସମ୍ବେଦନଶୀଳତା ଓ ସହାନୁଭୂତି ପ୍ରଦର୍ଶନ କରିବାକୁ କହିଥିଲେ।

'ଭୋଟ୍ ଚୋରି'ର ମିଥ୍ୟା ନାଟକ କରୁଛି କଂଗ୍ରେସ : ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୧୧ (ମହାଭାରତ): ଦେଶର ଜନସାଧାରଣ ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଜବୁତ ନେତୃତ୍ୱ ଉପରେ ନିଜର ଆସ୍ଥା ପ୍ରକଟ କରିଛନ୍ତି। ଜନାଦେଶର ଏହି ନିରନ୍ତର ସମର୍ଥନକୁ କଂଗ୍ରେସ ସହ୍ୟ କରିପାରୁନାହିଁ। ନିଜର ରାଜନୈତିକ ବିଫଳତା ଓ କ୍ରମାଗତ ପରାଜୟର ଫଳାଫଳକୁ ସ୍ୱୀକାର କରିବା ପରିବର୍ତ୍ତେ କଂଗ୍ରେସ ଦଳ ଏବେ ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଆରୋପ ଲଦିବାରେ ବ୍ୟସ୍ତ ଅଛି ବୋଲି କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରବିବାର ହରିୟାଣାର ଫରିଦାବାଦ ଠାରେ ଆୟୋଜିତ 'ଲୋକତନ୍ତ୍ର ବଂଚାଓ, ଅରାଜକତା ହଟାଓ' ପଦଯାତ୍ରାରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କଂଗ୍ରେସର ଅରାଜକତା ଏବଂ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଯେଉଁ 'ଭୋଟ୍ ଚୋରି'ର ହଟଚମଟ ସୃଷ୍ଟି କରୁଛି, ତାହା କେବଳ ନିଜର ପରାଜୟକୁ ଲୁଚାଇବା ଏବଂ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର। କଂଗ୍ରେସର ନୀତି ହେଉଛି- ଯେଉଁଠି ନିର୍ବାଚନରେ ଜିତିବେ, ସେଠି ଗଣତନ୍ତ୍ର ସୁରକ୍ଷିତ; ଆଉ ଯେଉଁଠି ହାରିବେ, ସେଠି 'ଅଙ୍ଗୁର କୋଳି ଖଟା' ସଦୃଶ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜନସାଧାରଣଙ୍କ ବିଶ୍ୱାସ ହରାଇସାରିଥିବା କଂଗ୍ରେସ ଦଳ ଏବେ ସଂସଦରୁ ସଡ଼କ ପର୍ଯ୍ୟନ୍ତ କେବଳ ମିଥ୍ୟା ଓ ଭ୍ରମ ସୃଷ୍ଟି କରିବାରେ ଲିପ୍ତ ଅଛି। ସଂସଦୀୟ ଗଣତନ୍ତ୍ରର ମଜାକ ଉଡ଼ାଇ ସେମାନେ ନିଜର 'ମକ୍ ପାର୍ଲାମେଂଟ'ର ଆୟୋଜନ କରୁଛନ୍ତି। ଅତୀତରେ ଦେଶ ଉପରେ ଜରୁରୀକାଳୀନ ପରିସ୍ଥିତି ଲଦି ଦେଇ ଗଣତନ୍ତ୍ରର ହତ୍ୟା କରିଥିବା କଂଗ୍ରେସ ଆଜି ସମ୍ବିଧାନର ଦୁହାଇ ଦେଉଛି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ।



ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ, ଆଜି ଫରିଦାବାଦର ଏହି ସଫଳ ପଦଯାତ୍ରା ସମଗ୍ର ଦେଶକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ଗଣତନ୍ତ୍ରର ଆଢୁଆଳରେ ଅରାଜକତା ସୃଷ୍ଟି କରିବା, ଜନାଦେଶକୁ ଅପମାନିତ କରିବା ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର କଂଗ୍ରେସି ଷଡ଼ଯନ୍ତ୍ରକୁ ଦେଶବାସୀ କେବେବି ସ୍ୱୀକାର କରିବେ ନାହିଁ। ଏହି ପଦଯାତ୍ରାରେ ଅନେକ କେନ୍ଦ୍ରମନ୍ତ୍ରୀ ଓ ହରିୟାଣା ସରକାରଙ୍କ ମନ୍ତ୍ରୀଗଣ ସମେତ ବିପୁଳ ସଂଖ୍ୟାରେ ପାର୍ଟି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ।

ବନ୍ୟା ପ୍ରଭାବିତ ଅଂଚଳରୁ ୧୦ କୃଷ୍ଣସାର ମୃଗ ଉଦ୍ଧାର

ଭୁବନେଶ୍ୱର,୪।୧୧ (ମହାଭାରତ): ଜନସାଧାରଣଙ୍କ ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ବ୍ୟାପକ ପୂର୍ବପ୍ରସ୍ତୁତି କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ବନଖଣ୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ବନଖଣ୍ଡ ସ୍ତରରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ସ୍ଥାପନ କରାଯାଇଥିବା ବେଳେ ସମସ୍ତ ରେଞ୍ଜ ସ୍ତରରେ ମଧ୍ୟ ୨୪ ଘଂଟ ଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଥିଲା। ଏହାସହିତ ଚାରୋଟି ରେଞ୍ଜରେ ରେଞ୍ଜ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଗଠନ କରାଯାଇଥିଲା। ଏସ୍‌ଡିଏମ୍, ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି ଦଳଗୁଡ଼ିକ କାର୍ଯ୍ୟ କରୁଥିଲେ। ବନ୍ୟପ୍ରାଣୀଙ୍କ ସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତ୍ୱରିତ ଉଦ୍ଧାର ଓ ସହାୟତା ପଦକ୍ଷେପ ଗ୍ରହଣ କରାଯାଉଥିଲା। ଏହି ବ୍ୟବସ୍ଥା ଯୋଗୁଁ ରାସ୍ତା ସଫା କରିବା, ଉପୁଡ଼ି ପଡ଼ିଥିବା ଗଛ ହଟାଇବା, ଯାତାୟାତ ପାଇଁ ରାସ୍ତା ପୁନଃ ସ୍ୱାଭାବିକ କରିବା ଏବଂ ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସମନ୍ୱିତ ଭାବେ ସମ୍ପାଦନ କରାଯାଇପାରିଥିଲା। ଏହି ପୂର୍ବପ୍ରସ୍ତୁତିର ଏକ ଉଲ୍ଲେଖନୀୟ ସଫଳତା ହେଉଛି, ବାତ୍ୟା ସମୟରେ ଖଲ୍ଲିକୋଟ ରେଞ୍ଜ ଅନ୍ତର୍ଗତ ବନ୍ୟା ପ୍ରଭାବିତ ବାଲିଆ ଗ୍ରାମରୁ ୧୦ଟି କୃଷ୍ଣସାର ମୃଗ (ବ୍ଲାକ୍‌ବକ୍)ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଆବଶ୍ୟକ ପ୍ରାଣୀ ଚିକିତ୍ସା ଓ ସ୍ୱାସ୍ଥ୍ୟଗତ ଯାଂଚ ପରେ ସେମାନଙ୍କୁ ସୁସ୍ଥ ଘୋଷଣା କରାଯାଇଥିଲା। ପରେ ଖଲ୍ଲିକୋଟ ସେକ୍ସନ ଅନ୍ତର୍ଗତ ଚିକିଟି ବିଟ୍‌ର ବାଣିଆ ଗ୍ରାମ ନିକଟସ୍ଥ ଉପଯୁକ୍ତ ଜଙ୍ଗଲୀ ପରିବେଶରେ ସେମାନଙ୍କୁ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଏହି ସଫଳ ଉଦ୍ଧାର ଓ ପୁନଃ ଜଙ୍ଗଲରେ ଅବମୁକ୍ତି ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ସମୟୋଚିତ ପଦକ୍ଷେପ ଓ ସମନ୍ୱିତ ଉଦ୍ୟମର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।

ଏହି ସଫଳତା ଆଗୁଆ ପ୍ରସ୍ତୁତି, ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ବନ ବିଭାଗର ଆଗଧାଡ଼ିର କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମର ଫଳ। ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ସହ ସମୟୋଚିତ ପଦକ୍ଷେପ ଓ ସମନ୍ୱିତ ସହଯୋଗ ଜରିଆରେ ଏହି ଦାୟିତ୍ୱ ନିର୍ବାହ କରିବାକୁ ବ୍ରହ୍ମପୁର ବନଖଣ୍ଡ ପ୍ରତିବଦ୍ଧତା ପ୍ରକାଶ କରିଛି।

ଝାରସୁଗୁଡ଼ାରେ ଖୋଲିଲା କିସ୍ନା ସ୍ୱତନ୍ତ୍ର ଶୋ'ରୁମ୍

ଭୁବନେଶ୍ୱର,୪।୧୧ (ମହାଭାରତ): ଭାରତର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀ ଓଡ଼ିଶାର ଝାରସୁଗୁଡ଼ାରେ ଏହାର ସ୍ୱତନ୍ତ୍ର ଶୋ'ରୁମ୍ ଉଦ୍‌ଘାଟନ କରିଛି। ସରବାହଲ ରୋଡରେ ଥିବା ସିଂଘଲ ଗ୍ୟାଲେରିଆରେ ଅବସ୍ଥିତ ଏହି ଶୋ'ରୁମ୍‌କୁ ହରିକୃଷ୍ଣା ଗ୍ରୁପର ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ ଏବଂ କିସ୍ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟଲେଟ୍ ପାର୍ଟନର୍ ବିକାଶ ଗୋଏଲ ଏବଂ ରୋଶନ ଅଗ୍ରୱାଲ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ।


ଗ୍ରାଣ୍ଡ ଉଦଘାଟନୀ ଉତ୍ସବକୁ ପାଳନ କରିବା ପାଇଁ କିସ୍ନା ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ଲଂଚ କରିଛି। ଏଥିରେ ହୀରା ଏବଂ ସୁନା ଅଳଙ୍କାର ତିଆରି ଚାର୍ଜ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି ସହିତ ମାତ୍ର ୨୫% ଅଗ୍ରୀମ ଦେୟ ବଦଳରେ ମୂଲ୍ୟର ଦୁଇଗୁଣ ପର୍ଯ୍ୟନ୍ତ ସୁନା ଦର ସୁରକ୍ଷା ସୁବିଧା ଅନ୍ତର୍ଭୁକ୍ତ। ବଦଳରେ ହୀରା ଅଳଙ୍କାର କିଣିବା ସମୟରେ ଗ୍ରାହକମାନେ ସେମାନଙ୍କ ପୁରୁଣା ସୁନାର ମୂଲ୍ୟର ୧୦୫% ପର୍ଯ୍ୟନ୍ତ ଲାଭ ମଧ୍ୟ ପାଇପାରିବେ। ଏହା ବ୍ୟତୀତ, ବ୍ରାଣ୍ଡ ହୀରା ଅଳଙ୍କାର ଉପରେ ୯୦% ବାଇବ୍ୟାକ୍ ଏବଂ ୯୫% ଏକ୍ସଚେଞ୍ଜ ମୂଲ୍ୟ ପ୍ରଦାନ କରୁଛି। ଗ୍ରାହକମାନେ କାର କିମ୍ବା ସ୍କୁଟର ଜିତିବାର ସୁଯୋଗ ପାଇଁ ଗ୍ରାଣ୍ଡ ଲକି ଡ୍ରରେ ମଧ୍ୟ ଅଂଶଗ୍ରହଣ କରିପାରିବେ।

ଏହି ଅବସରରେ ହରିକୃଷ୍ଣ ଗ୍ରୁପ ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ କହିଛନ୍ତି, 'ଓଡ଼ିଶା କିସ୍ନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ସାରା ରାଜ୍ୟରେ ଆମର ଉପସ୍ଥିତି ବିସ୍ତାର କରିବାର ଅପାର ସମ୍ଭାବନା ରହିଛି। ଝାରସୁଗୁଡ଼ାରେ ଆମର ସ୍ୱତନ୍ତ୍ର ଶୋ'ରୁମ୍ ର ଶୁଭାରମ୍ଭ ଓଡ଼ିଶାରେ ଆମର ସମ୍ପ୍ରସାରଣ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଉତ୍ସବ ଏବଂ ପ୍ରତ୍ୟେକ ପରିବାରର ଏକ ଅଂଶ ହେବା। 'ହର ଘର କିସ୍ନା'ର ଆମର ଲକ୍ଷ୍ୟକୁ ସାକାର କରିବା ଦିଗରେ ଆମେ କ୍ରମାଗତ ଭାବରେ ଆଗକୁ ବଢୁଛୁ।'

କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ପରାଗ ଶାହା କହିଛନ୍ତି, 'ଝାରସୁଗୁଡାରେ ଆମର ଶୋ'ରୁମ୍ ର ଶୁଭାରମ୍ଭ ଏହି ଅଂଚଳରେ କିସ୍ନାର ବଢୁଥିବା ଉପସ୍ଥିତିକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ପାର୍ବଣ ଋତୁ ଏବଂ ଦୀପାବଳି ସମୟରେ ଅଳଙ୍କାର କିଣାକିଣି ଗତିଶୀଳ ହେଉଥିବାରୁ ଆମର ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ହୀରା ଏବଂ ସୁନା ଅଳଙ୍କାରର ବିସ୍ତୃତ ଶୃଙ୍ଖଳା ସହିତ ଏକ ପ୍ରିମିୟମ୍ ସପିଂ ଅଭିଜ୍ଞତା ପ୍ରଦାନ କରିବା।

ପ୍ରତ୍ୟେକ ଭାରତୀୟ ଦେଶପାଇଁ ଚିନ୍ତା କରନ୍ତୁ

ଭୁବନେଶ୍ୱର,୪।୧୧ (ମହାଭାରତ): ଓଡ଼ିଶାର ଅଧ୍ୟାତ୍ମ ଜଗତରେ ଜଣେ ପ୍ରତିଷ୍ଠିତ ନାମ ଶ୍ରୀମଦ୍ ବାବା ବଳିଆ। ନିଜର ସାଧନା ତଥା ସେବା ବଳରେ ଜନମାନସରେ ଜଣେ ସମାଜର ସୁଚିନ୍ତକ ଓ ସଂସ୍କାରକ ଭାବେ ସେ ସୁପରିଚିତ। ଗଣତନ୍ତ୍ରର ସୁରକ୍ଷା ପାଇଁ ତାଙ୍କର ଦୀର୍ଘ ୫୦ ବର୍ଷର ଯାତ୍ରା ତାଙ୍କୁ ସାରା ଭାରତବର୍ଷରେ ଜଣେ ଦେଶପ୍ରେମୀ ଭାବରେ ଆଦୃତ କରାଇଛି। ସାପ କାମୁଡ଼ିଲେ ଯେତେବେଳେ ଅନ୍ୟମାନେ ଶିବ ମନ୍ଦିରକୁ ନେଇ ଯିବାର କଥା କୁହନ୍ତି ସେତିକି ବେଳେ ସେ କୁହନ୍ତି, ତୁରନ୍ତ ରୋଗୀକୁ ଡାକ୍ତରଖାନା ନେଇଯାଅ। ପ୍ରକୃତି ବନ୍ଧୁ ଭାବେ ଜୀବନକାଳ ମଧ୍ୟରେ ଅନ୍ୟୁନ ଲକ୍ଷାଧିକ ବୃକ୍ଷ ରୋପଣ କରି ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହେବା ସହ ରାଜ୍ୟ ପ୍ରଶାସନ ଦ୍ୱାରା ସେ ପ୍ରଶଂସିତ ହୋଇଛନ୍ତି। ସମାଜରେ ପତିହରା ବିଧବା ମା'ମାନଙ୍କୁ ଯେତେବେଳେ ଶୁଭ କାର୍ଯ୍ୟରେ ବାରଣ କରାଯାଏ, ସେତିକିବେଳେ ସେ ସମାଜକୁ ଆହ୍ୱାନ ଦିଅନ୍ତି, ସମସ୍ତ ଶୁଭ କାର୍ଯ୍ୟ କରିବାର ଅଧିକାର ସେମାନଙ୍କର ଅଛି। ଭାରତ ବର୍ଷର ଗଣତନ୍ତ୍ରରେ ଯେତେବେଳେ କ□ବ୍ୟ ବିମୁଖତା ଦେଖାଦିଏ ସେତେବେଳେ ସେ ମାସାଧିକ କାଳ ଗଣତନ୍ତ୍ର ସଚେତନତା ଯାତ୍ରା କରି ଦୁର୍ନୀତି ବିରୋଧରେ ସଂଗ୍ରାମ ପାଇଁ ଦେଶବାସୀ ବିଶେଷକରି ଯୁବ ସମାଜକୁ ଆହ୍ୱାନ ଦିଅନ୍ତୁ। ଦେଶ ପାଇଁ ଚିନ୍ତା କରିବାକୁ ହେବ, ଏହା ତାଙ୍କର ଆଜି ପାଇଁ ଆହ୍ୱାନ। ଯେଉଁ ମାଟିର ପାଣି, ପବନ, ଫସଲରେ ଜୀବନ; ଯେଉଁ ବ୍ୟବସ୍ଥା ସୁରକ୍ଷା ଓ ନିରାପ□ା ଯୋଗାଉଥିବା ଯୋଗୁ ଆମେ ନିରାପଦ- ଆମେ ଯଦି ସେଥିପ୍ରତି ଚିନ୍ତା ନକରୁ ତେବେ ଆମେ ସେ ମାଟିର ସନ୍ତାନ ବା ଦେଶର ନାଗରିକ କେମିତି ଦାବୀ କରିବା ? ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଆଜି ମନୁଷ୍ୟକୃତ ବିପର୍ଯ୍ୟୟ କିଛି କମ୍ ନାହିଁ, ପରିବେଶ ପ୍ରଦୂଷଣ ଠୁ ମାନସିକ ପ୍ରଦୂଷଣ ମଧ୍ୟ ଆଜି ଯଥେଷ୍ଟ ବେଶୀ। ଜୀବନଯାପନର ଧାରା ଯଦି ବିଳାସତା ଓ ଅତ୍ୟଧିକ ପ୍ରାଚୁର୍ଯ୍ୟତାରେ ଭରିଯାଏ ତେବେ ପ୍ରାକୃତିକ ଭାରସାମ୍ୟତା ବିଗିଡି ଯିବାଟା କିଛି ବିଚିତ୍ର ତା ନୁହଁ। ସବୁ କଥାରେ ଏକୁ ଆରେକ ଦୋଷ ଫିଙ୍ଗାଫିଙ୍ଗି ହୋଇ ବସିଗଲେ ଚଳିବନି, କେତେକ କଥାରେ ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ହେବାକୁ ହେବ। ପରିବାର ପାଇଁ, ପିଲାପିଲିଙ୍କ ପାଇଁ ଯେମିତି ଆମେ ଚିନ୍ତା କରୁଛେ, ଦେଶ ପାଇଁ ସେମିତି ଭାବିବାକୁ ହେବ; ନଚେତ ଏତେ ସୁନ୍ଦର ବିଶ୍ୱଟା ଆମରି ଆଖି ଆଗରେ ଅଚିରେ ଧ୍ୱଂସ ପାଇଯିବ। ବଳିଆ ଜଣେ ସାଧାରଣ ମଣିଷ, ଦେଶ ପାଇଁ କିଛି ଚିନ୍ତା କରିଛି, ଭାବିଛି, ଆପଣ ମାନଙ୍କ ପାଖରେ ବ୍ୟକ୍ତ କରୁଛି-ବିଚାର ଆପଣମାନେ କରିବେ। ଏଇଭଳି ଚିନ୍ତାଧାରାର ଜଣେ ସଂସ୍କାରବାଦୀ, ସର୍ବଧର୍ମ ସମନ୍ୱୟୀ ମହାପୁରୁଷ ଆଜି ଦେଶ ତଥା ଉ□ର ପିଢ଼ିର ଭବିଷ୍ୟତ ପାଇଁ ଚିନ୍ତିତ। ତାଙ୍କର ନିବେଦନ ହେ ଭାରତ ବର୍ଷର ନାଗରିକଗଣ ! ନିଜ ପାଇଁ ୨୪ ଘ□ାରୁ ଯେତିକି ସମୟ ଦେଉଛ ତତ୍‌ସହିତ ଦେଶ ପାଇଁ ମାତ୍ର ପା□ ମିନିଟ ଚିନ୍ତା କଲେ ଦେଶର ଭାଗ୍ୟ ଓ ଭବିଷ୍ୟତ ବଦଳିଯିବ। ଦୀର୍ଘ ଦିନ ଧରି ବାବାଙ୍କ ମନକୁ ଆନ୍ଦୋଳିତ କରୁଥିବା କେତେକ ବିଷୟକୁ ସେ ଆଜିର ସାମ୍ବାଦିକ ସମ୍ମିଳନୀରେ ଦେଶ ଆଗରେ ରଖିଛନ୍ତି।



ମହାଭାରତ

ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ

ବଢ଼ଛି ସାଇବର ଅପରାଧ

ଆଖି ପିଛୁଳାକେ ବ୍ୟାଙ୍କରୁ ଜମା ରାଶି ଖାଲି ହୋଇଯାଉଛି। ଲୋକଙ୍କ ମଧ୍ୟରେ ସତର୍କତା ଏବଂ ସଚେତନତା ଅଭାବରୁ ଏହା ବୃଦ୍ଧି ପାଉଛି। ସାଇବାର ଅପରାଧ ରୋକିବାକୁ ସରକାର ପର୍ଯ୍ୟାୟକ୍ରମେ ଅନେକ ପଦକ୍ଷେପ ନେଇଛନ୍ତି, ବ୍ୟାଙ୍କମାନେ ମଧ୍ୟ ଅନେକ ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ପ୍ରତିଦିନ କେଉଁଠି ନା କେଉଁଠି ସାଧାରଣ ଲୋକଟିଏ ସାଇବର ଅପରାଧର ଶିକାର ହେଉଛନ୍ତି। ଏହାର ମୁକାବିଲା ନିମନ୍ତେ ସରକାର ସ୍ୱତନ୍ତ୍ର ସାଇବର ଥାନା ଖୋଲିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅପରାଧ ରୋକିବା ଏବଂ ଅପରାଧୀଙ୍କୁ ଧରିବା ଶତ ପ୍ରତିଶତ ସଫଳ ହେଉନାହିଁ। ନିକଟରେ ରାଜ୍ୟ ସରକାର ଆଉ ୨୦ଟି ସାଇବର ଥାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କେବଳ ସାଇବର ଥାନା ଖୋଲି ଦେଲେ ହେବ ନାହିଁ। ଏ କ୍ଷେତ୍ରରେ ସ୍ୱତନ୍ତ୍ର ବୈଷୟିକ ଟିମର ଆବଶ୍ୟକତା ରହିଛି ଯେଉଁମାନେ ସାଇବର ଅପରାଧୀଙ୍କୁ ସହଜରେ ଠାବ କରିପାରିବେ ଏବଂ ଲୁଟ ଅର୍ଥ ଉଦ୍ଧାର କରିପାରିବେ। ନିକଟରେ ବିଧାନସଭାରେ ଆଗତ ଶ୍ୱେତପତ୍ରରେ ଏହା ଉଲ୍ଲେଖ ରହିଛି। ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି। ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି। ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି। ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି। ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି। ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି। କାରଣ ସେମାନେ ସତର୍କ ହୋଇଯାଇଛନ୍ତି। କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି। ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ। କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ। କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି। ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି। ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି। ଏହା ଅଚଳ ହୋଇଯିବ। ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ। ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି। ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି। କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି। ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି। ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି। ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା। ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ। କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିଙ୍କୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ।

ସଫଳ ଯୁବଶିଳ୍ପୋଦ୍ୟୋଗୀ

॥ ଦିଲ୍ଲୀପ କୁମାର ମହାରଣା ॥

ସମଗ୍ର ବିଶ୍ୱ ସମାଜ ପର୍ଯ୍ୟାବରଣ ଓ ବିଶ୍ୱତାପନକୁ ନେଇ ଦୋଛକିରେ ଥିବାବେଳେ ଋତୁ ପରିବର୍ତ୍ତନ ସମୟର ଆବହମାନ ଧାରାକୁ ପ୍ରଭାବିତ କରୁଛି। ଯାହା ଆଧୁନିକ ବିଶ୍ୱରେ ମନୁଷ୍ୟର ଜୀବନଶୈଳୀ ଉପରେ ବିଭିନ୍ନ ସାମାଜିକ ଓ ପାରିପାର୍ଶ୍ୱିକ କ୍ଷେତ୍ର ଉପରେ ପ୍ରଭାବ ରଖୁଛି। ଏ ପରିପ୍ରେକ୍ଷୀରେ ସେ ଗ୍ରହଣ କରୁଥିବା ଖାଦ୍ୟ, ରହୁଥିବା ବାସସ୍ଥାନ ଏବଂ ନିର୍ଭରଶୀଳ ବିଭିନ୍ନ ସ୍ଥାନର ମଧ ପ୍ରଭାବ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାଂପ୍ରତିକ ପରିସ୍ଥିତିରେ ବିଭିନ୍ନ କାରଣରୁ ଆମେ ବସବାସ କରୁଥିବା ପରିବେଶ ଏବଂ ଏହାର ଚତୁଃପାର୍ଶ୍ୱ ବିଭିନ୍ନ କୀଟ, ପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଦ୍ୱାରା ପ୍ରଭାବିତ ଏବଂ ସଂକ୍ରମିତ ମଧ ହୋଇଥାଏ । କୀଟପତଙ୍ଗ ମଧରୁ ମଶା ଏବଂ ଆମେ ରହୁଥିବା ଘରର ବାସସ୍ଥାନ ଭିତରେ ଉଇ ହେଉଛି ଦୁଇଟି ପ୍ରଧାନ କୀଟ- ଯେଉଁମାନେକି ମନୁଷ୍ୟସମାଜ ପାଇଁ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହୋଇଛନ୍ତି । ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ଦ୍ୱାରା ମନୁଷ୍ୟମାନେ ସବୁଠାରୁ ବେଶି ପ୍ରଭାବିତ ହେଉଥିଲାବେଳେ ଆମ ବାସସ୍ଥାନରେ ବ୍ୟବହୃତ କାଠ, ବସ୍ତ୍ର, ପୁସ୍ତକାଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଉଇମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ । ଏହାଛଡ଼ା ମାଛି, ମୂଷା, ଅସରପା, ଛାରପୋକ, ପିମ୍ପୁଡ଼ି, ବିରୁଡ଼ି, ଝିଟିପିଟି, ବୁଢ଼ିଆଣି ଓ ସାପ ଆଦି କୀଟପତଙ୍ଗ ଓ ଅନ୍ୟାନ୍ୟ ଜୀବ ଆମପାଇଁ ଏବଂ ଆମ ବାସସ୍ଥାନ ପାଇଁ ବିପଦ ଓ ଆତଙ୍କର କାରଣ ସାଜିଛନ୍ତି । ମନୁଷ୍ୟପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥିବା ଏହିସବୁ କ୍ଷୁଦ୍ରାତିକ୍ଷୁଦ୍ର ଏବଂ କେତେକାଂଶରେ ବିଷାକ୍ତ ଜୀବଙ୍କ ପ୍ରଭାବ ଓ ପ୍ରକୋପରୁ ଆମକୁ ରକ୍ଷା ପାଇବା ପାଇଁ କୀଟପୋକ ନିୟନ୍ତ୍ରଣ ବ୍ୟବସ୍ଥା ଏବେ ଏକ ସଫଳ ଉପାଦାନ ଭାବେ ଉଭା ହୋଇଛି । ସାଧାରଣ ଲୋକଟିଏ ଏବଂ ସେ ବସବାସ କରୁଥିବା ତା'ର ଆଧୁନିକ ବାସସ୍ଥାନକୁ ନିରୁପଦ୍ରବ ଭାବେ ନିରାପଦ ରଖିବା ପାଇଁ ଆମ ରାଜ୍ୟରେ ବିଭିନ୍ନ କୀଟପୋକ ନିୟନ୍ତ୍ରଣ ସଂସ୍ଥା କାର୍ଯ୍ୟ କରୁଛି । କଟକର ମହାନଦୀ ବିହାରଠାରେ ଥିବା ଅମରନାଥ ପେଷ୍ଟ ମ୍ୟାନେଜମେଣ୍ଟ ଟେକ୍ନୋଲୋଜି ନାମକ ଏକ ଘରୋଇ ସଂସ୍ଥା ଦୀର୍ଘ ୧୨ ବର୍ଷ ଧରି ଏ କ୍ଷେତ୍ରରେ ସର୍ବୋତ୍ତମ ସେବା, ପରିଚାଳନା ଏବଂ ଉତ୍କର୍ଷତା ପ୍ରଦାନ କରି ଭାରତ ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପୁରସ୍କାର ଲାଭ କରିଛି । ରାଷ୍ଟ୍ରୀୟସ୍ତରରେ କେନ୍ଦ୍ର ସରକାରଙ୍କ ଏମ୍.ଏସ୍.ଏମ୍.ଇ. ବିଭାଗ ପକ୍ଷରୁ ଏହି ସଂସ୍ଥାର ମୁଖ୍ୟ ସଂସ୍ଥାପକ ତଥା ପରିଚାଳନା ନିର୍ଦ୍ଦେଶକ ଶିବବ୍ରତ ରାଉତଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ଜୁଲାଇ ମାସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଉତ୍ସବରେ ପୁରସ୍କୃତ କରିବା ଏକ ଉଲ୍ଲେଖନୀୟ ଘଟଣା । ଶ୍ରୀ ରାଉତ ଦୀର୍ଘ ୧୨ବର୍ଷ ଧରି କୀଟପୋକ ନିୟନ୍ତ୍ରଣ କ୍ଷେତ୍ରରେ ଉତ୍ତମ ସେବା ଓ ଉତ୍କର୍ଷତା ପ୍ରଦାନ କରିଥିବାରୁ ଜାତୀୟ ଚୟନ କମିଟି ତାଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଥିଲେ । ସେବା ଉଦ୍ୟମିତା କ୍ଷେତ୍ରରେ ତାଙ୍କୁ ଜାତୀୟସ୍ତରରେ ତୃତୀୟ ପୁରସ୍କାର ମିଳିଥିଲା ବେଳେ ପେଷ୍ଟ କଣ୍ଟ୍ରୋଲ କ୍ଷେତ୍ରରେ କମ୍ପାନୀମାନଙ୍କ ପାଇଁ ଏହା ପ୍ରେରଣା ଆଣିଦେବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି । କଟକ ମହାନଦୀ ବିହାରଠାରେ ୧୨ବର୍ଷ ତଳେ ମାତ୍ର ୨ଜଣ କର୍ମଚାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ୬୦ଜଣ କର୍ମଚାରୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଥିଲା ବେଳେ ରାଜ୍ୟରେ ଏହାର ୩ ହଜାରରୁ ଅଧିକ ଗ୍ରାହକ ରହିଛନ୍ତି । ଭବିଷ୍ୟତରେ ଏହି କମ୍ପାନୀ ସାରା ଓଡ଼ିଶାରେ ପେଷ୍ଟ କଣ୍ଟ୍ରୋଲ କ୍ଷେତ୍ରରେ ବିଶେଷ ଅଭିବୃଦ୍ଧି ହାସଲ କରିବା ସହିତ ଉନ୍ନତ ସେବା ଓ ସହାୟତା ଯୋଗାଇଦେବ ।

ଶ୍ରୀ ରାଉତ କୁହନ୍ତି ଯେ, ବର୍ତ୍ତମାନ ସମୟରେ ମନୁଷ୍ୟମାନଙ୍କ ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ସୁରକ୍ଷା ଏକ ବଡ଼ ଆହ୍ୱାନ । ଆମ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ଏହିସବୁ କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀଗୁଡ଼ିକ ବିଭିନ୍ନ ବାଟରେ ଆମର ଜୀବନ ଓ ଆମ ଘରର ମୂଲ୍ୟବାନ ସଂପତ୍ତିକୁ କ୍ଷତି କରିଥାନ୍ତି । ଆମ ରୋଷେଇ ଘରେ ଲୁଚି ରହିଥିବା ଅସରପା ଭଳି କ୍ଷୁଦ୍ର କୀଟଟି ଯେ, ଅଲକ୍ଷ୍ୟରେ ଆମ ପାକସ୍ଥଳୀ ସଂକ୍ରମଣଜନିତ ରୋଗର ବାହକ ବୋଲି ଆମେ ଜାଣି ନଥାଉ । ମଶା ପରେ ଉଇ ଭଳି କୀଟ ଆମ ଘରର ମୂଲ୍ୟବାନ କାଠସାମଗ୍ରୀ, ବହିପତ୍ର, ଲୁଗାପଟା, ଟଙ୍କା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀଗୁଡ଼ିକୁ ନଷ୍ଟ କରୁଥିବା ବେଳେ ମୂଷାମାନେ ମଧ ଅନେକ କ୍ଷତି ସାଧନ କରିଥାନ୍ତି । ଏହି ସମସ୍ତ କ୍ଷତିକାରକ କୀଟ, ପ୍ରାଣୀମାନଙ୍କ ଦାଉରୁ ଉପଯୁକ୍ତ ଭାବେ ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ନିୟନ୍ତ୍ରଣ କରିବା କାର୍ଯ୍ୟ ଆମ ଅନୁଷ୍ଠାନର ମୂଳଲକ୍ଷ୍ୟ । ଏହା ସହିତ ବିଭିନ୍ନ ଔଦ୍ୟୋଗିକ ପ୍ରତିଷ୍ଠାନର ଅଫିସ, ଗୋଦାମଘର, ଖାଦ୍ୟଶସ୍ୟ ମହଜୁଦ ରହୁଥିବା ବଡ଼ବଡ଼ ପ୍ରତିଷ୍ଠାନ ଗୁଡ଼ିକୁ ଉନ୍ନତମାନର ପ୍ରତିଷେଧକ ବ୍ୟବସ୍ଥା ପ୍ରଣୟନ କରି ଆମେ ରାଜ୍ୟରେ ବିଶେଷ ସେବା ଯୋଗାଇ ଦେଉଛୁ।

ହାଇଦ୍ରାବାଦର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଣ୍ଟ ହେଲଥ ମ୍ୟାନେଜମେଣ୍ଟ ସଂସ୍ଥାରୁ ଅର୍ବାନ ପେଷ୍ଟ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଅମରନାଥ ପେଷ୍ଟ କଣ୍ଟ୍ରୋଲ ମ୍ୟାନେଜମେଣ୍ଟକୁ ଏ କ୍ଷେତ୍ରରେ କାର୍ଯ୍ୟ କରିବାର ଲାଇସେନ୍ସ ପ୍ରଦାନ କରିଛନ୍ତି । ଓଡ଼ିଶାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଯଥା ଆଇଓସିଏଲ, ଏନ୍.ଟି.ପି.ସି., ଓଡ଼ିଶା ରାଜ୍ୟ ଭେଷଜ ନିଗମ, ଜିଲ୍ଲା ହସ୍ପିଟାଲ ସମେତ ରାମ୍‌କୋ, ଡାଲମିଆ, ଅଲଟ୍ରାଟେକ୍, ଶ୍ରୀ ସିମେଣ୍ଟ ଉଦ୍ୟୋଗ, ନବଭାରତ ଭେଂଚର ଲିମିଟେଡ଼, ଆର୍‌ଏସବି, ଇଷ୍ଟର୍ଣ୍ଣ ଫୁଡ୍ସ, ପଶୁପତି ଫୁଡ୍ସ ଭଳି ଅନେକ ଉଦ୍ୟୋଗ ପାଇଁ ସେ ଏବେ କାର୍ଯ୍ୟ କରୁଛନ୍ତି । ରୋଗ ପୋକ ତଥା କୀଟପୋକ ଦମନ ପାଇଁ ସେ ପରିବେଶ ଅନୁକୂଳ ରାସାୟନିକ ଦ୍ରବ୍ୟ ବ୍ୟବହାର କରିଥାନ୍ତି ଯାହାକି ଲୋକମାନଙ୍କର ଏବଂ ବାସଗୃହର କ୍ଷତିସାଧନ କରିନଥାଏ । ଲୋକମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଆମର ଲକ୍ଷ୍ୟ ହେଲା - ସୁସ୍ଥ ଓଡ଼ିଶା, ସ୍ୱଚ୍ଛ ଓଡ଼ିଶା ଓ କୀଟାଣୁମୁକ୍ତ ଓଡ଼ିଶା ବୋଲି ଯୁବଉଦ୍ୟୋଗୀ ଶିବବ୍ରତ କହିଛନ୍ତି ।

ଶିବବ୍ରତ କୁହନ୍ତି, ଯେତେବେଳେ ତାଙ୍କ ଅନୁଷ୍ଠାନକୁ ରାଷ୍ଟ୍ରୀୟ ସ୍ତରରେ ଚୟନ କରାଯାଇ ପୁରସ୍କାର ଦେବା କଥା ଘୋଷଣା କରାଗଲା- ଏହାକୁ ସେ ଜମା ବିଶ୍ୱାସ କରିପାରି ନଥିଲେ । ଏହା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଦେଶର ପ୍ରଧାନମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରିବା ପରେ ସେ କୁହନ୍ତି ଯେ, ଏହା ଥିଲା ଜୀବନର ଏକ ଦୁର୍ଲଭ ଏବଂ ଶୁଭ ମୁହୂର୍ତ୍ତ । ପୁରସ୍କାର ପ୍ରାପ୍ତି ପରେ ତାଙ୍କ ଦାୟିତ୍ୱ ବଢ଼ି ଯାଇଛି ଏବଂ ଏହି ସ୍ୱୀକୃତି ତାଙ୍କୁ ନୂଆ କିଛି କରିବାକୁ ପ୍ରେରଣା ଦେଇଛି।

ପିଲାଟି ଦିନରୁ ଶିବବ୍ରତ ଆଧ୍ୟାତ୍ମିକତା କ୍ଷେତ୍ରରେ ବିଶେଷ ଅନୁରାଗୀ । ସେ ଗାୟତ୍ରୀ ପରିବାରର ସଦସ୍ୟ ଭାବରେ ମଧ କିଛି ବର୍ଷ କାର୍ଯ୍ୟ କରିଥିଲେ । ସେ କୁହନ୍ତି, ମନ ଓ ଶରୀରର ପଂଚତତ୍ତ୍ୱକୁ ଶୁଦ୍ଧ କରିବାପାଇଁ ସେ ନିଜ ବାପାମାଆ, ପ୍ରଭୁ ଧବଳେଶ୍ୱର, ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶିରିଡ଼ିର ମହାନ ସନ୍ଥ ଶ୍ରୀ ସାଇବାବା ଓ ସଦ୍‌ଗୁରୁ ଗାୟତ୍ରୀଙ୍କୁ ଜୀବନର ଉତ୍ତରଣ ମାର୍ଗ ପାଇଁ ବରଣ କରିଛନ୍ତି । ସମସ୍ତଙ୍କ ଜୀବନର ମୂଳ ଲକ୍ଷ୍ୟ ଆଧ୍ୟାତ୍ମିକତା ଆଡ଼କୁ ରହିବା ଉଚିତ । ଆମର ଚରମ ଲକ୍ଷ୍ୟ ତତ୍ତ୍ୱଦର୍ଶୀ ଏବଂ ଆତ୍ମଜ୍ଞାନୀ ହେବ ବୋଲି ସେ କୁହନ୍ତି । ୪୬ ବର୍ଷ ବୟସ୍କ ଏହି ଯୁବ ଉଦ୍ୟୋଗୀଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ମାହାଙ୍ଗାର କାଳଅଣ୍ଡି ଗାଁରେ । ତାଙ୍କ ପିତା ଜଗନ୍ନାଥ ରାଉତ ଡାକ ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀ ହୋଇଥିଲା ବେଳେ ମାଆ ଲବଙ୍ଗଲତା ରାଉତ ଜଣେ ସୁଲେଖିକା । ବାପା, ମାଆ ଓ ପତ୍ନୀ ସଲିଳା ରାଉତ ତାଙ୍କ ସାମାଜିକ ଓ ଆଧ୍ୟାତ୍ମିକ ଜୀବନରେ ସବୁବେଳେ ଜଣେ ପ୍ରେରଣାଦାୟୀ ମଣିଷ ଭାବେ ତାଙ୍କୁ ମାର୍ଗଦର୍ଶନ କରିଛନ୍ତି ବୋଲି ସେ କୁହନ୍ତି ।

ପ୍ରତିଷ୍ଠାତା, ହ୍ୱାଇଟ୍ ଜୁମେଣ୍ଟ, ଭୁବନେଶ୍ୱର, ଦୂରଭାଷ : ୯୪୩୮୮୩୧୨୯୪

ଶ୍ରୀ ରାଉତ କୁହନ୍ତି ଯେ, ବର୍ତ୍ତମାନ ସମୟରେ ମନୁଷ୍ୟମାନଙ୍କ ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ସୁରକ୍ଷା ଏକ ବଡ଼ ଆହ୍ୱାନ । ଆମ ଚତୁଃପାର୍ଶ୍ୱରେ ବିଚରଣ କରୁଥିବା ଏହିସବୁ କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀଗୁଡ଼ିକ ବିଭିନ୍ନ ବାଟରେ ଆମର ଜୀବନ ଓ ଆମ ଘରର ମୂଲ୍ୟବାନ ସଂପତ୍ତିକୁ କ୍ଷତି କରିଥାନ୍ତି । ଆମ ରୋଷେଇ ଘରେ ଲୁଚି ରହିଥିବା ଅସରପା ଭଳି କ୍ଷୁଦ୍ର କୀଟଟି ଯେ, ଅଲକ୍ଷ୍ୟରେ ଆମ ପାକସ୍ଥଳୀ ସଂକ୍ରମଣଜନିତ ରୋଗର ବାହକ ବୋଲି ଆମେ ଜାଣି ନଥାଉ ।

ଦୀର୍ଘଦିନର ବିଚାରାଧୀନ ବନ୍ଦୀଙ୍କୁ ମୁକ୍ତି ଦିଅ

॥ ସୌର ଚନ୍ଦ୍ର ମହାପାତ୍ର ॥

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶର ଜେଲ ଗୁଡ଼ିକରେ ଥିବା ବିଚାରାଧୀନ ବନ୍ଦୀ ମାନଙ୍କୁ ଏବଂ ଯେଉଁମାନେ ଛୋଟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଖଟୁଛନ୍ତି ସେମାନଙ୍କୁ ମୁକ୍ତି ଦେବା ସକାଶେ ଏକ ଯୋଜନା କରିବାକୁ ସୁପ୍ରିମକୋର୍ଟ ସରକାରଙ୍କୁ ଦେଇଥିବା ପରାମର୍ଶ ସ୍ୱାଗତଯୋଗ୍ୟ। ସଞ୍ଜୟ କିଷାନ କାଉଲ ଓ ଏମଏମ୍ ସନ୍ଦ୍ରେଶଙ୍କୁ ନେଇ ଗଠିତ ବେଞ୍ଚ ପ୍ରସ୍ତାବ ଦେଇଛନ୍ତି ଯେ ଯେଉଁ କଏଦୀମାନେ ଜେଲରେ ଦଶ ବର୍ଷ ରହିଲେଣି ସେମାନଙ୍କୁ ଜାମିନରେ ଖଲାସ କରାଯାଉ ଏବଂ ଅନ୍ୟ ଯେଉଁମାନେ ୧୪ ବର୍ଷ ଜେଲରେ କଟାଇଲେଣି ସେମାନଙ୍କୁ ମାଫି ଦିଆଯିବା ବିଷୟ ବିଚାର କରାଯାଉ। ସର୍ବୋଚ୍ଚ ନ୍ୟାୟାଳୟରେ ଏଡ଼ି ବେଞ୍ଚ ମଧ କହିଛନ୍ତି ଯେ ଯେଉଁ କଏଦୀମାନେ ଗରିବ ଓ ତଳସ୍ତରର ଅର୍ଥନୈତିକ ସ୍ଥିତିର ସେମାନଙ୍କ ମୁକ୍ତି ପାଇଁ ସ୍ୱତନ୍ତ୍ର ଭାବେ ବିଚାର କରାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ଏକ ପ୍ରକାର ମାଫି ନୀତି ପ୍ରଣୟନ କରାଯିବାକୁ କୋର୍ଟ ପ୍ରଣୟନ କରାଯିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ବିଚାରାଳୟ ଯଦି ଜେଲରେ ଥିବା କଏଦୀମାନଙ୍କର ମାମଲାରେ ୧୦ ବର୍ଷ ମଧରେ ନିଷ୍ପତ୍ତି ନେଇନାହିଁ ତେବେ ସେମାନଙ୍କୁ ଜାମିନରେ ଖଲାସ କରିଦିଆଯିବା ଉଚିତ ବୋଲି କୋର୍ଟଙ୍କ ମତ କିଛି ନୂଆ ନୁହେଁ। କିନ୍ତୁ ଏସବୁ ପ୍ରସଙ୍ଗରେ ଏକ ନୀତି ପ୍ରଣୟନ ଲାଗି ଗୁରୁତର ଭାବେ କୌଣସି ପଦକ୍ଷେପ ନିଆଯାଇନାହିଁ।

ଇତିମଧରେ ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ୭୫ତମ ଦିବସ ପାଳନ କରିବ। ଯେଉଁ ବ୍ୟକ୍ତିମାନେ ନିଜର ସ୍ୱାଧୀନତାକୁ ହରାଇ ଜେଲ ଖଟୁଛନ୍ତି ସେମାନଙ୍କୁ ଏହି ଅବସରରେ ମୁକ୍ତି ଦିଆଯିବା ଏକ ଉପଯୁକ୍ତ ପଦକ୍ଷେପ ହେବ। ସମସ୍ତେ ଜାଣନ୍ତି ଯେ ଦେଶର ଜେଲ ଗୁଡ଼ିକରେ ସଂଖ୍ୟାଧିକ କଏଦୀ ବିଚାରାଧୀନ ବନ୍ଦୀ। କାରଣ ସେମାନଙ୍କୁ କୋର୍ଟ ଗୁଡ଼ିକ ଜାମିନ ଦେଉନାହାନ୍ତି ବା ସରକାର ସେମାନଙ୍କ ସମ୍ପର୍କରେ କୌଣସି ସହୃଦୟତା ଦେଖାଉନାହିଁ। ଯଦିଓ ଏହା ଜଣାଶୁଣା ଯେ ଜାମିନ ପାଇବା ଜଣଙ୍କର ହକ ତଥାପି ଏହି ସମସ୍ୟା ପ୍ରତି କୌଣସି ଧ୍ୟାନ ଦିଆଯାଇନାହିଁ। ଏଣୁ ଏହା ଏକ ମାନବିକ ସମସ୍ୟା ହୋଇଛି। ଅନେକ ବିଚାରାଧୀନ ବନ୍ଦୀ ନିଜ ଜୀବନକୁ ବହୁ ସମୟ ଜେଲରେ କଟାନ୍ତି। ଏପରିକି ସେମାନଙ୍କ ଅପରାଧ ପାଇଁ ସେମାନେ ଯେତିକି ଦଣ୍ଡ ଭୋଗିବା କଥା ତାଠାରୁ ଅଧିକ କଷ୍ଟର ଶିକାର ସେମାନେ ହୁଅନ୍ତି। ନ୍ୟାୟପାଳିକା ଏହି ପ୍ରସଙ୍ଗରେ ଅନେକ ସମୟରେ ଉଦବେଗ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟରୁ ଏଥିନେଇ ଚିନ୍ତାପ୍ରକଟିତ ହୋଇଛି। ତା ସତ୍ତ୍ୱେ ତଳ କୋର୍ଟଗୁଡ଼ିକ ଜାମିନକୁ ଗୁରୁତ୍ୱ ଦେଉନାହାନ୍ତି। କୋର୍ଟ ମଧ ମତ ଦେଇଛନ୍ତି ଯେ ଜଣେ କଏଦୀ ଶେଷରେ ଦୋଷମୁକ୍ତ ହୁଏ ତେବେ ସେ ଜେଲରେ କଟାଇଥିବା ଜୀବନର ବହୁମୂଲ୍ୟ ସମୟକୁ ଆଉ ଫେରିପାଇପାରିବ ନାହିଁ। ଅନେକ କଏଦୀ ଓକିଲଙ୍କୁ ଫି ଦେଇପାରୁନାହାନ୍ତି। ଏଣୁ ସେମାନଙ୍କ ଜାମିନ ପାଇଁ ବାସ ସେମାନଙ୍କୁ କେସରୁ ଖଲାସ କରିବା ଲାଗି କେହି ଲଢୁନାହାନ୍ତି। ଅନେକ କଏଦୀ ଆଇନର ଜଟିଳତା ପଦ୍ଧତି ସବୁ ଜାଣିନାହାନ୍ତି। ଜେଲରେ ଅନେକ ବନ୍ଦୀ ଅଛନ୍ତି, ଯେଉଁମାନେ ହୁଏତ ଖୁବ ହାଲକା ଅପରାଧ କରିଛନ୍ତି। ବାସ୍ତବରେ କୌଣସି ଅପରାଧ କରିନାହାନ୍ତି ତଥାପି ସେମାନେ ଜେଲରୁ ମୁକୁଳି ପାରୁନାହାନ୍ତି। ଜେଲରେ ଲୋକେ ଅଧିକ ଦିନ ରହିଲେ ସେମାନେ ମାନସିକତାରେ ବଡ଼ ଅପରାଧୀ ହେବାର ଆଶଙ୍କା ରହିଛି। ଏହି ସମସ୍ୟାଟିକୁ କେହି ଉପଲବ୍ଧି କରୁନାହାନ୍ତି। ଯଦି ନ୍ୟାୟ ବ୍ୟବସ୍ଥା ଠିକ ସମୟରେ କେସ ଗୁଡ଼ିକ ଉପରେ ନିଷ୍ପତ୍ତି ନେଇପାରୁନାହିଁ ତେବେ ତାହା କଏଦୀମାନଙ୍କର ଭୁଲ ନୁହେଁ। ବ୍ୟବସ୍ଥାର ତ୍ରୁଟି ବା ବିଫଳତା ପାଇଁ କଏଦୀମାନଙ୍କୁ ନିଜ ଜୀବନର ସମୟ ଦେଇ ମୂଲ୍ୟ ପ୍ରଦାନ କରିବାକୁ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହେବା ଅନୁଚିତ। ତୁରନ୍ତ ନ୍ୟାୟ ପ୍ରତି ନାଗରିକର ଏକ ଅଧିକାର। ସର୍ବୋଚ୍ଚ ନ୍ୟାୟାଳୟ ମଧ କହିଛନ୍ତି ଯେ ନ୍ୟାୟର ସଂସ୍କାରବାଦୀ ନୀତିକୁ ଅବଲମ୍ବନ କରାଯିବା ଆବଶ୍ୟକ। ତଦ୍ୱାରା କଏଦୀମାନଙ୍କୁ ସମାଜ ସହ ମିଶାଇଯାଇପାରିବ। ଯେହେତୁ ଭାରତୀୟ କୋର୍ଟ ଗୁଡ଼ିକରେ ବହୁ ସଂଖ୍ୟକ କେସ ବର୍ଷ ବର୍ଷ ଧରି ପଡ଼ି ରହୁଛି ଓ ଜେଲ ଗୁଡ଼ିକରେ କ୍ଷମତା ଅପେକ୍ଷା ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି ଯେଉଁମାନଙ୍କ ମଧରୁ ବେଶୀ ହେଲେ ବିଚାରାଧୀନ ବନ୍ଦୀ ସେହି ଯୁକ୍ତିରେ କୋର୍ଟଙ୍କ ପରାମର୍ଶ ଗୁରୁତ୍ୱପୂର୍ଣ୍ଣ। ଅତୀତରେ ସୁପ୍ରିମକୋର୍ଟ ବିଚାରାଧୀନ ବନ୍ଦୀମାନଙ୍କୁ ଜାମିନରେ ଛଡ଼ାଯିବାକୁ ବାରମ୍ବାର କହିଛନ୍ତି। ଏଥିପାଇଁ କୋର୍ଟ ଜାମିନ ସର୍ତ୍ତାବଳୀ ମଧ ସ୍ପଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ବିଚାରାଧୀନ ବନ୍ଦୀମାନଙ୍କୁ ମୁକ୍ତି ଦିଆଯିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କହିଥିଲେ। ଅନେକ ଦେଶ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ବେଳେ କଏଦୀମାନଙ୍କୁ ଖଲାସ କରନ୍ତି। ଭାରତ ମଧ ଅନୁରୂପ ସହୃଦୟତା ଦେଖାଇଛି। କିନ୍ତୁ ଭାରତରେ ଖୁବ ସଂଖ୍ୟକ କଏଦୀଙ୍କୁ ଛଡ଼ାଯାଏ। ଏବେ ସରକାର ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ସମ୍ମାନ ଦେଇ ବିଚାରାଧୀନ ବନ୍ଦୀମାନଙ୍କୁ ତଥା ଗୌଣ ଅପରାଧରେ ଜେଲ ଖଟୁଥିବା କଏଦୀମାନଙ୍କୁ ସ୍ୱାଧୀନତାର ୭୫ତମ ଦିବସ ଉପଲକ୍ଷେ ମୁକ୍ତି ଦେବା ଉଚିତ। ସ୍ୱାଧୀନତା ସତ୍ତାରେ ଏହା ଏକ ମାନବିକତାବାଦୀ ନିଷ୍ପତ୍ତି ହେବ। ସେଥିସହ ସରକାର ଜେଲ ଗୁଡ଼ିକରୁ ଭିଡ଼ କମାଇବା ପାଇଁ ବିସ୍ତୃତ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତୁ ଅନ୍ତତଃ ଦେଶର ସବୁ ଜେଲ ଗୁଡ଼ିକରୁ ବିଚାରାଧୀନ ବନ୍ଦୀମାନଙ୍କୁ ଯଥାଶୀଘ୍ର ଖଲାସ କରିଦିଆଯାଉ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬'

ଗଣତନ୍ତ୍ରରେ ଇଷ୍ଟତନ୍ତ୍ର

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କଲେ - (୧୧.୧୨.୧୯୪୮) ଶୁଣିଛି ଡେମୋକ୍ରେସିର ଅର୍ଥ ହେଉଛି ଗଣତନ୍ତ୍ର ଅର୍ଥାତ୍ ଜନଗଣର ଶାସନତନ୍ତ୍ର। କିନ୍ତୁ ମୋର ଗୋଟିଏ କଥା ସ୍ୱତଃ ମନରେ ଆସେ ଯେ ନିଜେ ଶାସିତ ନୁହେଁ ସେ କି କେବେ ଦେଶ, ସମାଜ ବା ରାଷ୍ଟ୍ରକୁ ଶାସନ କରିବାର ଅଧିକାର ବା ଯୋଗ୍ୟତା ଲାଭ କରିପାରେ ? ଶାସନତନ୍ତ୍ର ପ୍ରଣୟନ ବା ପରିଚାଳନାର ଦାୟିତ୍ୱଶୀଳ ପ୍ରତିନିଧି ଯେଉଁମାନେ ହେବେ ସେମାନଙ୍କର ଅନ୍ତତଃ ଉଚିତ କୌଣସି ଜଣେ ସୁନିୟନ୍ତ୍ରିତ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ଶାସନାଧୀନ ରହି ନିଜକୁ ସୁସମାହିତ କରି ଉଠାଇବା। ଆତ୍ମ ଶାସନର ମୂଳ ଜିନିଷ ହେଉଛି ଏହି ବାଞ୍ଛିତ ଶ୍ରେୟଙ୍କ ପ୍ରତି ଅକାଟ୍ୟ ଅନୁରାଗ ଯାହାଫଳରେ ଶ୍ରୀ ଗୁରୁଙ୍କର ମନୋମତ ହୋଇ ଉଠି ତାଙ୍କୁ ତୃପ୍ତିଦାନ ନ କରିପାରିଲେ ନିଜକୁ ଅସ୍ୱସ୍ତି ଲାଗେ। ଏହି ହାଡ଼ଭଙ୍ଗା ନିଶା ହିଁ ମନୁଷ୍ୟକୁ ଉର୍ଦ୍ଧ୍ୱମୁଖୀ କରିତୋଳେ। ପ୍ରେଷ୍ଟଙ୍କର ଖୁସି ଓ ସ୍ୱସ୍ତି ନିମିତ୍ତ ମନୁଷ୍ୟ କ୍ରମାଗତ ନିଜକୁ ପରିଶୁଦ୍ଧ କରି ଚାଲେ। ଏହିପରି ଆତ୍ମଶାସନ ତତ୍ପର ବ୍ୟକ୍ତି ହିଁ ଜାଣେ ଶାସନ କିପରି କରିବାକୁ ହୁଏ। ପ୍ରକୃତପକ୍ଷରେ ତାଙ୍କର ଶ୍ରଦ୍ଧାର୍ହ ଚରିତ୍ର ହିଁ ଅନ୍ୟମାନଙ୍କୁ ଆତ୍ମ ଶାସନରେ ପ୍ରବୃଦ୍ଧ କରିତୋଳେ। ତେଣୁ ଯେଉଁ ତନ୍ତ୍ରୀରେ ଶାସନ ଚାଲିଲେ ମଧ ଆଦର୍ଶ-ତନ୍ତ୍ରୀ ହେବା ଏକାନ୍ତ ଆବଶ୍ୟକ। ଜନଗଣ ଯଦି ଆଦର୍ଶତନ୍ତ୍ରୀ ନ ହୁଅନ୍ତି ତାହାହେଲେ ଗଣଶକ୍ତିର ଅଭ୍ୟୁତ୍ଥାନ ହୁଏ ନାହିଁ। ଶକ୍ତିର ମୂଳରେ ଅଛି ଭକ୍ତି, ପ୍ରୀତି, ସଂହତି ଓ ସହଯୋଗିତା। ମନୁଷ୍ୟ ଯେତେବେଳେ ଆଦର୍ଶଙ୍କୁ ଭଲପାଇ ପ୍ରତ୍ୟେକ ପ୍ରତ୍ୟେକଙ୍କର ଧାରକ, ପାଳକ, ସେବକ ଓ ସହାୟକ ହୋଇ ଉଠନ୍ତି ସେତେବେଳେ ଶକ୍ତି ଗଜି ଉଠେ। ମନୁଷ୍ୟର ଅନିୟନ୍ତ୍ରିତ ପ୍ରବୃତ୍ତି ଯଦି ପରସ୍ପରକୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ପରପୀଡ଼ନ ପଥରେ ପରିଚାଳିତ କରେ ସେହି ପରିବେଶ ମଧରେ ଗଣଶକ୍ତି ଯେପରି ସ୍ଫୁର୍ତ୍ତିଲାଭ କରିପାରେ ନାହିଁ, ବ୍ୟକ୍ତିର ଆତ୍ମଶକ୍ତି ମଧ ସେହିପରି ପଦେ ପଦେ ବ୍ୟାହତ ହୁଏ। ଏହାଫଳରେ ଦେଶ, ସମାଜ, ରାଷ୍ଟ୍ର ସବୁ ହୀନବଳ ହେବାକୁ ବାଧ୍ୟ ହୁଏ।

ମନୁଷ୍ୟର ଚିରକାମ୍ୟ ସ୍ୱସ୍ତି, ଶାନ୍ତି, ସମୃଦ୍ଧି ଦିନକୁ ଦିନ ତିରୋହିତ ହୋଇଯାଏ। ତେଣୁ ଗଣତନ୍ତ୍ରକୁ ସଫଳ କରିବାକୁ ଗଲେ ପ୍ରଥମେ ଇଷ୍ଟତନ୍ତ୍ରକୁ ଅନୁସରଣ କରିବାକୁ ହୁଏ। ଯୁଗାଚାର୍ଯ୍ୟ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତ ବ୍ୟକ୍ତ କଲେ - ଯେଉଁଠାରେ ଜନଗଣ ପରିପୂରଣୀ ସେବା ଓ ଆତ୍ମସମର୍ପଣ ନେଇ ଏକାଦର୍ଶରେ ମିଳିତ ହୁଅନ୍ତି, ଯେଉଁ ସେବା ଓ ଆତ୍ମସମର୍ପଣ ପ୍ରତି ଜୀବନକୁ ଧୃତିପୋଷଣୀବର୍ଦ୍ଧନାରେ ପରିଚାଳିତ କରେ, ସେଠାରେ ଜାଗିଉଠେ ଶକ୍ତି, ଦୀପ୍ତ ହୋଇ ଉଠେ ପ୍ରେମର ଶାସନ ଓ ତ୍ୱରିତ୍ ଗତିରେ ପ୍ରୋଜ୍ଜ୍ୱଳ ହୋଇଉଠେ ସହଜ ସମ୍ବିଧାନ ମିଶ୍ରିତ ଗୌରବ ଓ ସ୍ୱାଧୀନତା ସମନ୍ୱିତ ଗଣତାନ୍ତ୍ରିକ ସ୍ୱତଃତନ୍ତ୍ର। ମୁଁ ଯାହା ବୁଝେ ଏହା ହେଲା ସ୍ୱାଭାବିକ ଗଣତନ୍ତ୍ର। ଅଟୋକ୍ରେସିର ଅର୍ଥ ବୁଝାଇବାକୁ ଯାଇ ଯୁଗ ଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯଥେଷ୍ଟତାର ଶାସନ ପ୍ରଣାଳୀ ବା ଅଟୋକ୍ରେସୀ କହିଲେ ମୁଁ ବୁଝେ - ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର। କେହି ଯଦି ଇଷ୍ଟଙ୍କୁ ଭଲ ପାଆନ୍ତି ଓ ଇଷ୍ଟାନୁରାଗ ଅନୁପ୍ରେରଣାରେ ପରିବେଶର ଇଷ୍ଟାନୁରାଗ ସେବା - ସମ୍ବର୍ଦ୍ଧନା ନେଇ ଚାଲନ୍ତି, - ସେତେବେଳେ ସେହି ଚଳନଟି ହୁଏ ଅବାଧ। ଯିଏ ଭଗବାନଙ୍କର ବିଧି ମାନନ୍ତି, ସତ୍ତା ସମ୍ବର୍ଦ୍ଧନାର ବିଧି ମାନି ଚାଲନ୍ତି ସେ ହିଁ ପ୍ରକୃତ ସ୍ୱାଧୀନ। ତାଙ୍କର ସ୍ୱାଧୀନ ଚଳନ ଅନ୍ୟର ସତ୍ତାପୋଷଣୀ ସ୍ୱାଧୀନ ଚଳନରେ କୌଣସି ବ୍ୟାଘାତ ସୃଷ୍ଟି କରେନାହିଁ, ବରଂ ତାକୁ ପୁଷ୍ଟକରି ଉଠାଏ। ଏପରି ନିର୍ବିରୋଧ ଅବାଧ ଚଳନ କ'ଣ ଖରାପ ? ରାଷ୍ଟ୍ର ଓ ରାଷ୍ଟ୍ରନାୟକଙ୍କର ଗତି - ପ୍ରବୃତ୍ତି ଯଦି ଏଭଳି ହୁଏ ତାହାହେଲେ ଭଲ ନିଶ୍ଚୟ ହୁଏ। ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ଯେଉଁ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ର ପାରସ୍ପରିକ ସ୍ୱାର୍ଥାନ୍ୱିତ ପ୍ରୀତିମୁଖର ସେବା ମାଧ୍ୟମରେ ପ୍ରତିଟି ଅନୁରାଗଦୀପ୍ତ ବ୍ୟକ୍ତିତ୍ୱକୁ ଧାରଣ ଓ ପୋଷଣ କରେ ଏବଂ ସେମାନଙ୍କର ଉନ୍ନୟନୀ ଗତିର ଉପଯୋଗୀ ଲଓ୍ୱାଜିମାର ବ୍ୟବସ୍ଥା କରି ପ୍ରତ୍ୟେକ ଜୀବନ ଓ ବର୍ଦ୍ଧନକୁ ଉତ୍ଫୁଲ୍ଲ କରି ତୋଳେ, ତାହା ହିଁ ହେଲା ପାରସ୍ପରିକ ଐକ୍ୟ ସମ୍ବନ୍ଧ ପ୍ରୀତି ପରିଚର୍ଯ୍ୟାର ଆବାସଭୂମି, ପ୍ରୀତି ପ୍ରବୃଦ୍ଧ ଶାସନ ସମନ୍ୱିତ ସ୍ୱାଧୀନତା ଓ ସ୍ୱତଃସ୍ଫୁର୍ତ୍ତ ଶାସନତନ୍ତ୍ରର ଔଜ୍ଜ୍ୱଲ୍ୟ ସହ ଗଣତନ୍ତ୍ର ସେଠାରେ ହାସ୍ୟମୁଖର।

ସହ-ପ୍ରତିରତ୍ୱିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ସଂସ୍କୃତି ଭବନ ନିର୍ମାଣ ପାଇଁ ଚିହ୍ନଟ ଜାଗାକୁ ଗ୍ରାମବାସୀଙ୍କ ବିରୋଧ !



ରାଇଘର, (ମହାଭାରତ):ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସଂସ୍କୃତି ଭବନ ନିର୍ମାଣ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହି ଭବନ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜାଗାକୁ ନେଇ ଏବେ ରାଇଘର ଅଞ୍ଚଳରେ ଦେଖାଦେଇଛି ବିବାଦ। ଗୋଟିଏ ପଟେ ସଂସ୍କୃତି ଭବନ ନିର୍ମାଣର ଯୋଜନା, ଅନ୍ୟପଟେ ଦୀର୍ଘ ୪୦ ବର୍ଷ ଧରି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିବା ଗ୍ରାମବାସୀଙ୍କ ଜୀବିକା ଓ ଜଙ୍ଗଲ ସୁରକ୍ଷାର ପ୍ରଶ୍ନ। ଏହାକୁ ନେଇ ଏବେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି।ସୂଚନା ଅନୁଯାୟୀ, କୋଟପାରା, ବେଲପାରା, ଡବରିପାରା ଓ ଡିବିରିପାରା ଗ୍ରାମର ବାସିନ୍ଦାମାନେ ଦୀର୍ଘ ପ୍ରାୟ ୪୦ ବର୍ଷ ଧରି ଏହି ଜଙ୍ଗଲ ଜମିକୁ ସୁରକ୍ଷା ଦେଇ ଆସୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଜଙ୍ଗଲରୁ ଶୁଖିଲା ଡାଳପତ୍ର ସଂଗ୍ରହ କରି ଜାଳେଣି ଭାବେ ବ୍ୟବହାର କରିବା ସହ ପ୍ରତିଦିନ ପାଳି କରି ଜଙ୍ଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା କରି ଆସୁଛନ୍ତି।କେବଳ ଜାଳେଣି ପାଇଁ ନୁହେଁ, ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନର ଅନେକ ଆବଶ୍ୟକତା ଏହି ଜଙ୍ଗଲ ଉପରେ ନିର୍ଭର କରିଥାଏ। ତେଣୁ ଏହି ଜଙ୍ଗଲ ଜମି ସେମାନଙ୍କ ପାଇଁ କେବଳ ଜମି ନୁହେଁ, ବରଂ ଜୀବନ ଓ ଜୀବିକାର ଏକ ମୁଖ୍ୟ ଆଧାର ବୋଲି ଗ୍ରାମବାସୀ କହିଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗତ ଅକ୍ଟୋବର ୩୧ ତାରିଖ ଦିନ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉକ୍ତ ଅଞ୍ଚଳକୁ ଆସିଥିଲେ। ସେଠାରେ ସଂସ୍କୃତି ଭବନ ନିର୍ମାଣ ପାଇଁ ଏହି ଜଙ୍ଗଲ ଜମିକୁ ଚିହ୍ନଟ କରିବା ଏବଂ ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେମାନେ କହିଛନ୍ତି। ତେବେ ଏହି ନିଷ୍ପତ୍ତି ପୂର୍ବରୁ ଗ୍ରାମବାସୀଙ୍କ ସହ ଆଲୋଚନା କିମ୍ବା ସେମାନଙ୍କ ମତାମତ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।ସେମାନଙ୍କ କହିବା ଅନୁଯାୟୀ, ରାଇଘର ବ୍ଲକର ମୂଳନିବାସୀ ସମାଜ ପକ୍ଷରୁ ଗତ ଅଗଷ୍ଟ ୨ ତାରିଖରେ ସଂସ୍କୃତି ଭବନ ନିର୍ମାଣ ପାଇଁ ଅନ୍ୟ ଏକ ସ୍ଥାନ ଚିହ୍ନଟ କରାଯାଇଥିଲା। ତେଣୁ ପୂର୍ବରୁ ଚିହ୍ନଟ ହୋଇଥିବା ସେହି ସ୍ଥାନରେ ହିଁ ଭବନ ନିର୍ମାଣ କରାଯାଉ, ନଚେତ୍ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।ଏହି ଦାବିକୁ ନେଇ ଚାରି ଗ୍ରାମର ପୁରୁଷ ଓ ମହିଳାମାନେ ଏକାଠି ହୋଇ ରାଲିରେ ବାହାରିଥିଲେ। ନାରାବାଜି ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ସହ ତହସିଲଦାରଙ୍କୁ ନିଜର ଦାବି ଜଣାଇଥିଲେ।ଗ୍ରାମବାସୀମାନେ ତହସିଲଦାରଙ୍କୁ ଅନୁରୋଧ କରି କହିଥିଲେ ଯେ, ଆମେ ଦୀର୍ଘ ୪୦ ବର୍ଷ ଧରି ଏହି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛୁ। ଆମର ଦୈନନ୍ଦିନ ଜୀବନର ଅନେକ ଆବଶ୍ୟକତା ଏହି ଜଙ୍ଗଲ ଉପରେ ନିର୍ଭର କରୁଛି। ତେଣୁ ଆମ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସଂସ୍କୃତି ଭବନ ନିର୍ମାଣ ନକରାଯାଉ। ଆମର ଅନୁରୋଧକୁ ବିଚାର କରି ଅନ୍ୟ ସ୍ଥାନରେ ଭବନ ନିର୍ମାଣ କରାଗଲେ ଚାରି ଗ୍ରାମର ସମସ୍ତ ଗ୍ରାମବାସୀ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବୁ।ଏହା ସହିତ ଗ୍ରାମବାସୀ ଆଉ ଏକ ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ବିଷୟରେ ଗ୍ରାମର ଦୁଇରୁ ତିନି ଜଣ ବ୍ୟକ୍ତି ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ଯେ, ଗ୍ରାମବାସୀ ଏହି ଜଙ୍ଗଲ ଉପରେ ନିର୍ଭର କରୁଥିବାରୁ ଏହି ସ୍ଥାନରେ ସଂସ୍କୃତି ଭବନ ନିର୍ମାଣ ନକରି ଅନ୍ୟ ଜାଗାରେ ନିର୍ମାଣ କରାଯାଉ। କିନ୍ତୁ ମନ୍ତ୍ରୀଙ୍କ ପ୍ରତିକ୍ରିୟା ସେମାନଙ୍କୁ ନିରାଶ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଦାବି ଅନୁଯାୟୀ, ମନ୍ତ୍ରୀ ଧମକ ଦେଲା ଭଳି କଥା କହିବା ସହ, "ମୁଁ କାହା କଥା ଶୁଣିବି ନାହିଁ, ଏହି ଜାଗାରେ ହେବ ମାନେ ହେବ" ବୋଲି କହିଥିଲେ। ତେବେ ଏହି କଥାର ସ୍ୱତନ୍ତ୍ର ପୁଷ୍ଟି କିମ୍ବା ମନ୍ତ୍ରୀଙ୍କ ପକ୍ଷରୁ ପ୍ରତିକ୍ରିୟା ଏପର୍ଯ୍ୟନ୍ତ ମିଳିନାହିଁ।ଗ୍ରାମବାସୀଙ୍କ ପ୍ରଶ୍ନ ହେଉଛି, ଯେଉଁ ଜଙ୍ଗଲକୁ ସେମାନେ ଦଶନ୍ଧି ଦଶନ୍ଧି ଧରି ସୁରକ୍ଷା ଦେଇ ଆସୁଛନ୍ତି, ସେହି ଜଙ୍ଗଲର ଭବିଷ୍ୟତ ସମ୍ପର୍କରେ ସେମାନଙ୍କ ମତାମତ ନେବା ଆବଶ୍ୟକ ନୁହେଁ କି? ବିକାଶ ନାମରେ ନିର୍ମାଣ କାର୍ଯ୍ୟ ହେବା ଉଚିତ୍, କିନ୍ତୁ ତାହା ଲୋକଙ୍କ ଜୀବିକା ଓ ପରିବେଶକୁ ପ୍ରଭାବିତ ନକରି ହୋଇପାରିବ ନାହିଁ କି?ଏବେ ଚାରି ଗ୍ରାମର ଲୋକଙ୍କ ଦାବିକୁ ପ୍ରଶାସନ କେତେ ଗୁରୁତ୍ୱ ଦେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।ଗ୍ରାମବାସୀ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଯଦି ସେମାନଙ୍କ ଦାବିକୁ ପ୍ରଶାସନ ଶୁଣିବା ସହ ନ୍ୟାୟସଙ୍ଗତ ସମାଧାନ ନକରେ, ତେବେ ଆଗାମୀ ଦିନରେ ସେମାନେ ଧାରଣାରେ ବସିବାକୁ ବାଧ୍ୟ ହେବେ।ଏବେ ପ୍ରଶ୍ନ ଉଠୁଛି ସଂସ୍କୃତି ଭବନ ନିର୍ମାଣ ହେବା ଉଚିତ୍, କିନ୍ତୁ ଚାରି ଗ୍ରାମବାସୀଙ୍କ ଦୀର୍ଘଦିନର ଜଙ୍ଗଲ ସୁରକ୍ଷା ଓ ଜୀବିକାର ଅଧିକାରକୁ ଅଣଦେଖା କରି କାହିଁକି? ଗ୍ରାମବାସୀଙ୍କ ଦାବିକୁ ପ୍ରଶାସନ ଶୁଣିବ ତ? ନା ନିଜ ଦାବି ପାଇଁ ଆଗକୁ ଆନ୍ଦୋଳନର ପଥ ଆପଣାଇବେ ଚାରି ଗ୍ରାମର ଲୋକେ।

ମାନସିକ ଭିନ୍ନକ୍ଷମ ଯୁବକ ଉଦ୍ଧାର



ପାରାଦୀପ, (ମହାଭାରତ): ପାରାଦୀପ ନେହେରୁବଙ୍ଗଳା ସ୍ଥିତ ମାଛଧରା ବନ୍ଦରରେ ଜଣେ ୨୦ ବର୍ଷ ର ଜଣେ ମାନସିକ ଭିନ୍ନକ୍ଷମ ଯୁବକକୁ କେହି ଅତି ଅମାନୁଷିକ ଭାବେ ଆକ୍ରମଣ କରି ତାର ମୁଣ୍ଡ ଫଟାଇବା ସହ ଗୋଡ଼କୁ ଭାଙ୍ଗି ପକାଇଦେଇଥିଲା । ଦୁଇଦିନ ହେବ ଉକ୍ତ ଯୁବକ ଯନ୍ତ୍ରଣା ରେ ଛଟପଟ ହେଉଥିବା ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ ତାଙ୍କ ଟିମ ବୁଧବାର ଦିନ ସକାଳେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଆହତ ମାନସିକ ଭିନ୍ନକ୍ଷମ ଯୁବକକୁ ଉଦ୍ଧାର କରି ତାର ଚିକିତ୍ସା ନିମନ୍ତେ ପୁରୀର କଣାସ ଠାରେ ଥିବା ନୀଳାଞ୍ଚଳ ସେବାଶ୍ରମରେ ଅବସ୍ଥାପିତ କରିଛନ୍ତି । ଏତସହିତ ଶ୍ରୀମତୀ ଆଚାର୍ଯ୍ୟ ବିଶ୍ୱାଳୀ ଓ କୁଜଙ୍ଗ ଅଞ୍ଚଳରୁ ସର୍ବମୋଟ ୭ ଅସହାୟ ମାନସିକ ଭିନ୍ନକ୍ଷମ ଙ୍କୁ ଉଦ୍ଧାର କରି କଣାସର ସେବାଶ୍ରମରେ ଛାଡିଛନ୍ତି। ତେବେ ନିଃସହାୟ ଏହି ଭିନ୍ନକ୍ଷମଙ୍କ ପାଇ ସାହା ଓ ଆଶାବାଡି ସାଜିଛନ୍ତି ସ୍ନେହମୟୀ ବୋଲି ସାଧାରଣରେ ଚର୍ଚ୍ଚା ହେବା ସହ ତାଙ୍କର ଏପରି ନିସ୍ୱାର୍ଥପର ସେବା କୁ ଉଚ୍ଚ ପ୍ରଶଂସା କରାଯାଉଛି ।

'ସୁରଭି' କାର୍ଯ୍ୟକ୍ରମକୁ ନେଇ ଦୋଛକିରେ ପଡ଼ିଲା ଶିକ୍ଷାବିଭାଗ: ବିଜେପି ପରେ ବିଜେଡ଼ି ନେତା ମଞ୍ଚରେ



ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମକୁ ନେଇ ଶିକ୍ଷାବିଭାଗ ଅଡୁଆରେ ପଡ଼ିଛି। ଲଗାଣ ବର୍ଷା ସତ୍ୱେ ବିଜେପି ଓ ବିଜେଡ଼ି ନେତାମାନେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ବାଚସ୍ପତି ସୁରମା ପାଢୀ,ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ,୨ନଂ ଜିଲ୍ଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ,ସ୍ଥାନୀୟ ସରପଂଚ ଓ ବିଇଓ ପିଣ୍ଟୁ ପ୍ରଧାନ ଯୋଗ ଦେଇଥିଲେ। ଏହି ନେତାମାନେ ମଞ୍ଚରେ ବସିଥିଲେ ମଧ୍ୟ ବିଜେଡ଼ି ନେତାମାନେ ଆସି ସ୍କୁଲ ଭିତରେ ଅପେକ୍ଷା କରିଥିଲେ।ସେମାନେ ମଞ୍ଚରୁ ଯିବାପରେ ବିଜେଡ଼ିର ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,୩ନଂ ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ୪ନଂ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ପଢିଆରୀ ଓ ଅନ୍ୟ ଅତିଥିମାନେ ଆସି ମଞ୍ଚରେ ବସିଥିଲେ। ଉଭୟ ଦଳର ନେତା ଗୋଟିଏ ମଂଚରେ ବସିବାକୁ ଅମଙ୍ଗ ହେଉଛନ୍ତି ନା ଦଳର ମର୍ଯ୍ୟାଦା ରଖୁଛନ୍ତି ତାକୁନେଇ ଆଲୋଚନା ଚାଲିଛି। ବଡ଼କଥା ହେଉଛି ବାଚସ୍ପତିଙ୍କ ପାଖଲୋକ ତଥା ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ବିଜେଡ଼ି ନେତାଙ୍କ ପାଖରେ ନବସି ମଞ୍ଚର ଶେଷ ଭାଗରେ ବସିଥିଲେ। ଏହାକୁ ନେଇ ବିଜେପି ଓ ବିଜେଡ଼ି କର୍ମୀମାନେ ନିଜଭିତରେ କୁହାକୁହି ହେଉଥିଲେ।ବାହାରେ ଏହି ବିଜେପି– ବିଜେଡ଼ି ନେତାମାନଙ୍କ ଭିତରେ ଉତ୍ତମ ସୁସଂପର୍କ ଥିବା ବେଳେ ମଞ୍ଚରେ କିନ୍ତୁ ଅଲଗା ନୀତି ଆପଣା ଯାଇଛି।ଯଦି ଗୋଟିଏ ମଂଚରେ ଦୁଇଦଳ ବସିବେ ତେବେ କିଏ କ'ଣ ଭାବିବ କି କହିବ ସେହି ଭୟ ଘାରିଛି।ଲୋକ ଦେଖାଣିଆ ନାଟକବାଜୀ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଜଣାପଡ଼ିଛି।

ଗଞ୍ଜାମରେ ପହଞ୍ଚିଲା କେନ୍ଦ୍ରୀୟ ଟିମ୍, ଅର୍ଣ୍ଣବ ବାତ୍ୟା ପରବର୍ତ୍ତୀ ବନ୍ୟା ସ୍ଥିତିର କଲେ ସମୀକ୍ଷା

ଗଞ୍ଜାମ, (ମହାଭାରତ): ଅର୍ଣ୍ଣବ ବାତ୍ୟା ପରେ ସୃଷ୍ଟି ହୋଇଥିବା ବନ୍ୟା ଗଞ୍ଜାମ ଜିଲ୍ଲାର ଜନଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ବନ୍ୟାର ପ୍ରକୋପରେ ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଚାଷଜମି, ଘରଦ୍ୱାର, ରାସ୍ତାଘାଟ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବିଭିନ୍ନ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷ ବର୍ଷ ଧରି ଝାଳବୁହା ପରିଶ୍ରମ କରି ସଞ୍ଚୟ କରିଥିବା ସମ୍ପତ୍ତି ଆଖି ପିଛୁଳାକେ ବନ୍ୟା ପାଣିରେ ନଷ୍ଟ ହୋଇଯାଇଥିବାରୁ ଅନେକ ପରିବାର ଏବେ ଚିନ୍ତା ଓ ଦୁଃଖରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ବନ୍ୟା ଜନିତ କ୍ଷୟକ୍ଷତିର ପ୍ରକୃତ ଆକଳନ କରିବା ଏବଂ ପ୍ରଭାବିତ ଅଞ୍ଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଞ୍ଜାମ ଜିଲ୍ଲାରେ ପହଞ୍ଚିଛି କେନ୍ଦ୍ରୀୟ ଟିମ୍। ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କେଉଁ ଅଞ୍ଚଳରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି, ତାହାର ତଥ୍ୟ ସଂଗ୍ରହ କରୁଛନ୍ତି କେନ୍ଦ୍ରୀୟ ଅଧିକାରୀମାନେ।ଏହି ଗସ୍ତ ଓ ସମୀକ୍ଷା ସମୟରେ କେନ୍ଦ୍ରୀୟ ଟିମ୍ ସହ ଉପସ୍ଥିତ ଅଛନ୍ତି ଆର୍?ଡିସି (ଜଉଉ), ଗଞ୍ଜାମ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ। ଜିଲ୍ଲାରେ ବନ୍ୟା ପରିସ୍ଥିତି କିପରି ସୃଷ୍ଟି ହୋଇଥିଲା, କେଉଁ କେଉଁ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି ଏବଂ ବନ୍ୟା ପରେ ଲୋକମାନେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ଟିମ୍?କୁ ଅବଗତ କରାଯାଉଛି।ବିଶେଷ କରି ଚାଷୀଙ୍କ କ୍ଷୟକ୍ଷତି ଉପରେ ଗୁରୁତ୍ୱ ଦିଆଯାଉଛି। ବନ୍ୟା ପାଣିରେ ଧାନ ଫସଲ ସମେତ ବିଭିନ୍ନ ପ୍ରକାର ଚାଷ ନଷ୍ଟ ହୋଇଥିବାରୁ ଚାଷୀମାନେ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। କେତେକ ସ୍ଥାନରେ ଚାଷଜମିରେ ବାଲି ଓ ପଙ୍କ ଜମି ରହିଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ ରହିଛି। ଏହାସହ ଘରେ ରଖାଯାଇଥିବା ଧାନ, ଚାଉଳ, ଖାଦ୍ୟ ସାମଗ୍ରୀ, ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ଓ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ବନ୍ୟା ପାଣିରେ ନଷ୍ଟ ହୋଇଛି।କେବଳ ଚାଷୀ ନୁହନ୍ତି, ଛୋଟ ବ୍ୟବସାୟୀ ଓ ଦିନମଜୁରିଆ ପରିବାର ମଧ୍ୟ ଏହି ବନ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଅନେକଙ୍କ ଜୀବିକାର ଏକମାତ୍ର ଆଧାର ଥିବା ଦୋକାନ ଓ ବ୍ୟବସାୟିକ ସାମଗ୍ରୀ ନଷ୍ଟ ହୋଇଯାଇଛି। ଘରେ ପାଣି ପଶିବା ଯୋଗୁଁ ଲୋକମାନେ ନିଜର ଆସବାବପତ୍ର ଓ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ହରାଇଛନ୍ତି। ଏଭଳି ପରିସ୍ଥିତିରେ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଆର୍ଥିକ ସହାୟତା, ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକୀୟ ରିଲିଫ୍ ଯୋଗାଇଦେବାକୁ ଦାବି ଉଠୁଛି। କେନ୍ଦ୍ରୀୟ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳର ରାସ୍ତାଘାଟ, ଯୋଗାଯୋଗ ବ୍ୟବସ୍ଥା, ଘରଦ୍ୱାର, ଚାଷଜମି ଓ ସାଧାରଣ ସମ୍ପତ୍ତିର କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ନେଉଛନ୍ତି। ବନ୍ୟା ଯୋଗୁଁ ସାଧାରଣ ଜନଜୀବନ କେତେ ମାତ୍ରାରେ ବ୍ୟାହତ ହୋଇଛି, ତାହାର ମଧ୍ୟ ସମୀକ୍ଷା କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାଜନିତ କ୍ଷୟକ୍ଷତିର ବିବରଣୀ ଓ ଆବଶ୍ୟକୀୟ ରିପୋର୍ଟ କେନ୍ଦ୍ରୀୟ ଟିମ୍?କୁ ପ୍ରଦାନ କରାଯାଉଛି।ସବୁଠାରୁ ବଡ଼ କଥା ହେଉଛି, ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ କେତେ ପରିମାଣର ସହାୟତା ଆବଶ୍ୟକ ଏବଂ କ୍ଷତିଗ୍ରସ୍ତ ପରିବାରଙ୍କୁ କିପରି ନିୟମ ଅନୁଯାୟୀ କ୍ଷତିପୂରଣ ମିଳିପାରିବ, ସେନେଇ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଦୀର୍ଘଦିନର ପରିଶ୍ରମରେ ଗଢ଼ିଥିବା ଘର, ବ୍ୟବସାୟ ଓ ଚାଷବାସ ନଷ୍ଟ ହୋଇଥିବାରୁ ପ୍ରଭାବିତ ଲୋକଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ—ସେମାନଙ୍କ କ୍ଷତିର ଉଚିତ ଆକଳନ ହେବ ତ? ସରକାରଙ୍କ ପକ୍ଷରୁ ଉପଯୁକ୍ତ ସହାୟତା ମିଳିବ ତ?ଅନ୍ୟପଟେ, କେନ୍ଦ୍ରୀୟ ଟିମ୍?ର ଏହି ଗସ୍ତକୁ ନେଇ ଗଞ୍ଜାମ ଜିଲ୍ଲାବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ଟିମ୍?ର ଅନୁଧ୍ୟାନ ଓ ରିପୋର୍ଟ ଆଧାରରେ ବନ୍ୟା କ୍ଷୟକ୍ଷତିର ପ୍ରକୃତ ଚିତ୍ର ସାମ୍ନାକୁ ଆସିବା ସହ ପ୍ରଭାବିତ ଚାଷୀ, ବ୍ୟବସାୟୀ ଓ ସାଧାରଣ ପରିବାରଙ୍କୁ ଆବଶ୍ୟକୀୟ ସରକାରୀ ସହାୟତା ଓ କ୍ଷତିପୂରଣ ମିଳିବ ବୋଲି ଆଶା ରହିଛି।ତେବେ କେନ୍ଦ୍ରୀୟ ଟିମ୍?ର ସମୀକ୍ଷା ପରେ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କେତେ ହେଉଛି ଏବଂ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ କେତେ ସହାୟତା ସୁପାରିସ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ବନ୍ୟାରେ ସର୍ବସ୍ୱ ହରାଇଥିବା ଗଞ୍ଜାମବାସୀଙ୍କ ପାଇଁ ଏହି ଗସ୍ତ କେତେଦୂର ଆଶ୍ୱସ୍ତି ଆଣିଦେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

୧୨ ଫୁଟର ବ୍ଲାକ୍ କୋବ୍ରା ଉଦ୍ଧାର

କରଞ୍ଜିଆ, (ମହାଭାରତ) : କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ଏକ ବିଶାଳକାୟ ବ୍ଲାକ୍ କୋବ୍ରା (କଳା ନାଗ) ସାପକୁ ବନ ବିଭାଗ ପକ୍ଷରୁ ସଫଳତାର ସହ ଉଦ୍ଧାର କରାଯାଇଛି। ପ୍ରାୟ ୧୨ ଫୁଟ ଲମ୍ବ ଓ ୧୧ କେଜି ଓଜନର ଏହି ବିଶାଳକାୟ ବିଷଧର ସାପକୁ ଉଦ୍ଧାର କରାଯିବା ପରେ ଶିମିଳିପାଳ ପାହାଡ଼ର ପାଦଦେଶରେ ସୁରକ୍ଷିତ ଭାବେ ଛଡ଼ାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବନ ବିଭାଗର ତତ୍ପରତାକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡର ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝରେ ଫରେଷ୍ଟ ବିଟ୍ ଅଧୀନ ଘଣ୍ଟିଆଦର ଗ୍ରାମର ବନ୍ଧୁଆ କାରୁଆଙ୍କ ଘରେ ବୁଧବାର ସକାଳ ପ୍ରାୟ ୧୧ଟା ସମୟରେ ଏକ ବିଶାଳକାୟ ବ୍ଲାକ୍ କୋବ୍ରା ସାପ ଦେଖିବାକୁ ମିଳିଥିଲା।

ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅଧିକାରୀ ତଥା ଶିକ୍ଷାବିତ ବିଭୂତି ଭୂଷଣ ମହାନ୍ତିଙ୍କ ପରଲୋକ



ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅଧିକାରୀ ବିଭୂତି ଭୂଷଣ ମହାନ୍ତି (୮୦) ଙ୍କର ବୁଧବାର ସକାଳ ୫ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ହୃଦଘାତ ହେବା ଦ୍ୱାରା ପରଲୋକ ହୋଇଯାଇଛି। ସେ ପାରାଦୀପ ବନ୍ଦରରେ ପ୍ରଥମେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ଓ ପରେ ପାରାଦୀପ ବନ୍ଦରର କମ୍ପ୍ୟୁଟର ବିଭାଗରେ ପ୍ରୋଗ୍ରାମିଂ ଅଧିକାରୀ ଭାବରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାନ୍ତିଙ୍କର ପୂର୍ବରୁ ମୃତ୍ୟୁ ହୋଇଛି। ମୃତ୍ୟୁ ସମୟରେ ତାଙ୍କ ବଡ଼ ପୁଅ ପୂର୍ବତନ ଭଲିବଲ ଖେଳାଳି ତଥା ପିପିଏଲ ଡିଏଭି ସ୍କୁଲର କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ, ସାନ ପୁଅ ସୁଶ୍ରୁତ କୁମାର, ଦୁଇ ଝିଅ ସ୍ୱାତୀ ସୁଚରିତା ଓ ସଂହିତା ସୁଚରିତା ଏବଂ ବଡ଼ ବୋହୂ ଶ୍ରୀମତୀ ମୋନୀ ଲାଲ ଉପସ୍ଥିତ ଥିଲେ । ଶ୍ରୀ ମହାନ୍ତିଙ୍କ ଶେଷ ଦର୍ଶନ ପାଇଁ ବହୁ ହିତାକାଂକ୍ଷୀ ଓ ବନ୍ଧୁ ବାନ୍ଧବ ହସ୍ପିଟାଲରେ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଥିଲା।

ଦେଓଗାଁ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପକ୍ଷପାତିତା ଅଭିଯୋଗ !



ଦେଓଗାଁ, (ମହାଭାରତ) : ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ତରରେ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିଥାଏ । ହେଲେ ଏହି ମହତ୍ ଉଦ୍ଦେଶ୍ୟରେ ଆୟୋଜିତ ଦେଓଗାଁ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପକ୍ଷପାତିତା ହୋଇଥିବା ନେଇ ଅଭିଯୋଗ ଉଠିଛି । ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡ଼ବନ୍ଧଠାରେ ଆୟୋଜିତ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିବା ବେଳେ କାର୍ଯ୍ୟକ୍ରମର ଫଳାଫଳକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ଅନୁଯାୟୀ, କାର୍ଯ୍ୟକ୍ରମରେ ଭାଗ ନେଇଥିବା କେତେକ ଛାତ୍ରଛାତ୍ରୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ଯୋଗୁଁ ପ୍ରଥମ ସ୍ଥାନ ପାଇବାକୁ ଯୋଗ୍ୟ ଥିଲେ । ମାତ୍ର ସେମାନଙ୍କୁ ପ୍ରଥମ ସ୍ଥାନ ପରିବର୍ତ୍ତେ ଦ୍ୱିତୀୟ ସ୍ଥାନରେ ରଖାଯାଇଥିବା ଅଭିଯୋଗ ହୋଇଛି । କିଛି ଶିକ୍ଷକ ଓ ସିଆରସିଙ୍କ ମିଳିତ ନିଷ୍ପତ୍ତି ଯୋଗୁଁ ଏଭଳି ହୋଇଥିବ । ଅଭିଯୋଗକାରୀମାନେ କହିଛନ୍ତି । ଏହି ଘଟଣାକୁ ନେଇ ସମ୍ପୃକ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି । ପିଲାମାନେ ଦୀର୍ଘ ଦିନ ଧରି ପରିଶ୍ରମ କରି ନିଜର ପ୍ରତିଭାକୁ ପ୍ରସ୍ତୁତ କରିଥିବା ବେଳେ ପ୍ରତିଯୋଗିତାର ଫଳାଫଳରେ ସେମାନଙ୍କୁ ଉଚିତ ସ୍ଥାନ ମିଳିନଥିବା ନେଇ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଆଗାମୀ ଦିନରେ ଅଧିକ ସୁଯୋଗ ପ୍ରଦାନ କରିବା । ଏଭଳି କାର୍ଯ୍ୟକ୍ରମରେ ଯଦି ମୂଲ୍ୟାୟନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠେ, ତେବେ ଏହା ପିଲାମାନଙ୍କ ମନୋବଳ ଉପରେ ପ୍ରଭାବ ପକାଇବା ସହ ପ୍ରତିଯୋଗିତାର ନିରପେକ୍ଷତା ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରିଥାଏ । ପ୍ରତିଯୋଗିତାରେ ଯୋଗ୍ୟତା ଓ ପ୍ରତିଭା ଆଧାରରେ ସ୍ଥାନ ନିର୍ଦ୍ଧାରଣ ହେବା ଉଚିତ। କୌଣସି ପ୍ରକାରର ପକ୍ଷପାତିତା ଯଦି ହୋଇଥାଏ, ତେବେ ତାହାର ଉଚିତ ତଦନ୍ତ କରାଯିବା ଆବଶ୍ୟକ। ଏହାଦ୍ୱାରା କେବଳ ଅଭିଯୋଗର ସତ୍ୟତା ସ୍ପଷ୍ଟ ହେବ ନାହିଁ, ବରଂ ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମରେ ନିରପେକ୍ଷତା ବଜାୟ ରଖିବାରେ ମଧ୍ୟ ସହାୟତା ମିଳିବ । ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ଅଧିକାରୀମାନେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତିଯୋଗିତାର ମୂଲ୍ୟାୟନ ପ୍ରକ୍ରିୟା, ବିଚାରକମଣ୍ଡଳୀଙ୍କ ନିଷ୍ପତ୍ତି ଏବଂ ଫଳାଫଳକୁ ନେଇ ଉଠିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି । ତଦନ୍ତ ପରେ ଯଦି କୌଣସି ଅନିୟମିତତା ସାମ୍ନାକୁ ଆସେ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବା ସହ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି ।

ସାଂସ୍କୃତିକ କାର୍ଯ୍ୟକ୍ରମ ଫୁଲ ବଉଳ ବେଣୀ ଉଦ୍‌ଯାପିତ



ବାଲିଚନ୍ଦ୍ରପୁର(ମହାଭାରତ): ବାଲିଚନ୍ଦ୍ରପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଅବସରରେ ମଙ୍ଗଳବାର 'ଫୁଲ ବଉଳ ବେଣୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି କୁନି କଳାକାର ମାନଙ୍କ ପ୍ରତିଭା ଏହି କାର୍ଯ୍ୟକ୍ରମ ଦ୍ୱାରା ପରିସ୍ଫୁଟିତ ହୋଇଥାଏ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାର ପରିପ୍ରକାଶ ଏହା ଏକ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ୟାମ ସୁନ୍ଦର ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଂଚ ଫନିଦ୍ର ନାଥ ପଣ୍ଡା ଓ ମାନସ ରଞ୍ଜନ ଦେଓ ଯୋଗଦେଇ ବାଲିଚନ୍ଦ୍ରପୁର ମାଟି କଳା ସଂସ୍କୃତି ର ମାଟି, ଏଠାରୁ ବହୁ କଳାକାର ସୃଷ୍ଟି ହୋଇ ବିଭିନ୍ନ ସ୍ଥାନରେ ପରିଚୟ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଖବର ଦାତା ପ୍ରବାସ କୁମାର ଦାଶ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ପୁରୁଖା ବ୍ୟବସାୟୀ ନିର୍ମଳ ଚନ୍ଦ୍ର ରାଉତ ରାୟ, ବିଶିଷ୍ଟ ମୂର୍ତ୍ତିକାର ଶ୍ୟାମ ସୁନ୍ଦର ବେହେରା ମେଢ଼ ନିର୍ମାତା ତ୍ରିଲୋଚନ ପ୍ରଧାନ ଓ ପୂଜକ ନିରଞ୍ଜନ ମିଶ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ରଣଜିତ ସାହୁ ମାନପତ୍ର ପଠନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରମେଶ ଚନ୍ଦ୍ର ପୃଷ୍ଟି। ସମସ୍ତ ଶିଶୁ କଳାକାର ମାନଙ୍କୁ ସାର୍ଟିଫିକେଟ ସହ ସମ୍ବର୍ଦ୍ଧିତ କରାଯାଇ ଥିଲା

ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ମହାଭାରତ): ବାଲିଚନ୍ଦ୍ରପୁର ଅଂଚଳର ବିଶିଷ୍ଟ ବ୍ୟବସାୟୀ ତଥା ଶ୍ୟାମ ସୁନ୍ଦର ବଜାର କମିଟିର ଉପସଭାପତି ହାଡିବନ୍ଧୁ ସାହୁ (୭୦)ଙ୍କର ମଙ୍ଗଳବାର ରାତିରେ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ମାହାଙ୍ଗା ଥାନା ଅନ୍ତର୍ଗତ ବାଗସରପୁର ଗ୍ରାମରେ । ସେ କିଛି ଦିନ ହେବ ଅସୁସ୍ଥ ଥିଲେ ମଧ୍ୟ ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାରେ ୩ ଦିନ ଆସି ସେବା ମଧ କରିଥିଲେ। ଏପରିକି ଗତ ରବିବାର ସେ ମା'ଙ୍କ ପୂଜାରେ ୨ ଘଣ୍ଟା ସମୟ ଅତିବାହିତ କରିଥିଲେ। ସେ ଦୀର୍ଘ ୪୦ ବର୍ଷ ଧରି ମା'ଗଜଲକ୍ଷ୍ମୀଙ୍କ ପୂଜାରେ ସାମିଲ କରିଥାନ୍ତି। ମଙ୍ଗଳବାର ସେ ଅଧିକ ଅସୁସ୍ଥ ହୋଇ ଯିବାରୁ ପରିବାର ପକ୍ଷରୁ ସଙ୍ଗେ ସଙ୍ଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗ ହେବା ପରେ ତାଙ୍କ ମର ଶରୀରକୁ ବାଲିଚନ୍ଦ୍ରପୁର ବଜାରକୁ ଅଣାଯାଇଥିଲା। ସେଠାରେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସଂପାଦକ ପ୍ରଭାସ କୁମାର ଦାଶ, ବାଲିଚନ୍ଦ୍ରପୁର ସରପଂଚଙ୍କ ପ୍ରତିନିଧି ଅମୀୟ କୁମାର ସାହାଣୀ, ମାହାଙ୍ଗା ବିଜେଡି ସଭାପତି ରାଜ କିଶୋର ଜେନା, ଲକ୍ଷ୍ମୀପୂଜା କମିଟି ପକ୍ଷରୁ ପ୍ରକାଶ ଚନ୍ଦ୍ର ସାମଲ, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ରାଉତ ରାୟରାୟ, କା□କ ଚନ୍ଦ୍ର ସେଠୀ, ଅକ୍ଷୟ କୁମାର ପରିଡା, ଗଣେଶ୍ୱର ଦାସ, ସଞ୍ଜୟ କୁମାର ସାହୁ, ପ୍ରକାଶ କୁମାର ସାହୁ, ହେମନ୍ତ କୁମାର ନାୟକ ପ୍ରମୁଖ ବହୁ ବ୍ୟବସାୟୀ ପହଂଚି ଶେଷଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ତ୍ରୀବଣପୁରରେ ଚାଲିଥିବା ରାବଣ ଦରବାର ଉଦ୍‌ଯାପିତ



ରେଢ଼ାଖୋଲ (ମହାଭାରତ)ରେଢ଼ାଖୋଲ ଉପଖଣ୍ଡର ତ୍ରିବଣପୁରଠାରେ ଚାଲିଥିବା ଧର୍ମ, ସଂସ୍କୃତି ଓ ପରମ୍ପରାର ଅନନ୍ୟ ନିଦର୍ଶନ ରାମଲୀଳା ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଓ ଲଙ୍କାଧିପତି ରାବଣଙ୍କ ମଧ୍ୟରେ ହୋଇଥିବା ମହାସଂଗ୍ରାମ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା।ରାଜ ଦରବାରରେ ରାଜ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ଓ ଜିଲାପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ ଯୋଗଦେଇ ଥିବା ବେଳେ ମହାରାଜ ରାବଣ ଚରିତ୍ରରେ ଅଭିନୟ କରୁଥିବା ସୁଶୀଳ ମେହେର,ତ୍ରୀବଣପୁର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ,ଗୁରୁ,ସାମ୍ବାଦିକ ତଥା ମଞ୍ଚ ପରିଚାଳକଙ୍କୁ କମିଟି ପକ୍ଷରୁ ସମ୍ମାନୀତ କରାଯାଇ ଥିଲା। ରାମଲୀଳାର ଶେଷ ପର୍ଯ୍ୟାୟରେ ଇନ୍ଦ୍ରଜିତ ବଧ ଓ ରାମ-ରାବଣ ଯୁଦ୍ଧର ଦୃଶ୍ୟ ଦର୍ଶକଙ୍କ ମନରେ ବେଶ୍ ଉତ୍ସାହ ଓ ଉତ୍କଣ୍ଠା ସୃଷ୍ଟି କରିଥିଲା। ଯୁଦ୍ଧରେ ପ୍ରଭୁ ଶ୍ରୀରାମଙ୍କ ହାତରେ ରାବଣର ବଧ ସହିତ ଅଧର୍ମ ଉପରେ ଧର୍ମର ବିଜୟ ବାର୍ତ୍ତା ପ୍ରତିଫଳିତ ହୋଇଥିଲା।ରାମଲୀଳାର ଅନ୍ୟାନ୍ୟ ଚରିତ୍ରରେ କଳାକାରମାନଙ୍କ ଅଭିନୟ ଦର୍ଶକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥିଲା।ଏହି ମହୋତ୍ସବକୁ ନେଇ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବାବେଳେ ଦୂରଦୂରାନ୍ତରୁ ଜନସାଧାରଣ ଆସି ରାମଲୀଳା ଉପଭୋଗ କରିଥିଲେ। ଏହିପରି ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ମାଧ୍ୟମରେ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ରାମଲୀଳା ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ରାମ-ରାବଣ ଯୁଦ୍ଧ ମୁଖ୍ୟ ଆକର୍ଷଣ ପାଲଟିଥିବାବେଳେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତି ମହୋତ୍ସବକୁ ସ୍ମରଣୀୟ କରିଥିଲା।


ଅଘୋଷିତ ବିଦ୍ୟୁତ କାଟକୁ ନେଇ ତାତିଲେ ଗ୍ରାମବାସୀ

ଟାୟାର ଜାଳି ହିଞ୍ଜିଳିକାଟୁ–ତାରାତାରିଣୀ ମୁଖ୍ୟ ରାସ୍ତା ଅବରୋଧ



ହିଞ୍ଜିଳିକାଟୁ(ମହାଭାରତ): ଅଘୋଷିତ ବିଦ୍ୟୁତ କାଟ ଓ ନିମ୍ନମାନର ବିଦ୍ୟୁତ ସେବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ବାରମ୍ବାର ବିଦ୍ୟୁତ ବିଭ୍ରାଟ ସହ ଦୀର୍ଘ ସମୟ ଧରି ବିଦ୍ୟୁତ ଯୋଗାଣ ବନ୍ଦ ରହୁଥିବାରୁ ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ଉତ୍ତ୍ୟକ୍ତ ଗ୍ରାମବାସୀ। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଶିକିରି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଶିକିରି ଗ୍ରାମରେ ଆଜି ସକାଳଠାରୁ ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ ନଥିବାରୁ ଗ୍ରାମବାସୀ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ଦୈନନ୍ଦିନ ଜୀବନଯାପନ ସହ ଘରୋଇ କାର୍ଯ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ କାମ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ କରି ଶେଷରେ ଆନ୍ଦୋଳନର ପନ୍ଥା ଆପଣାଇଥିଲେ ଗ୍ରାମବାସୀ। ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଅତିଷ୍ଠ ହୋଇପଡ଼ିଥିବା ଶିକିରି ଗ୍ରାମର ବିନାୟକ ପାଠାଗାର ସାହିର ଶତାଧିକ ମହିଳା ଓ ପୁରୁଷ ହିଞ୍ଜିଳିକାଟୁ–ତାରାତାରିଣୀ ମୁଖ୍ୟ ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତା ଉପରେ ଟାୟାର ଜାଳି ବିଦ୍ୟୁତ ବିଭାଗ ବିରୋଧରେ ନାରାବାଜି କରିବା ସହ ରାସ୍ତା ଅବରୋଧ କରିଥିଲେ। ବିଦ୍ୟୁତ ବିଭାଗ ଉପଭୋକ୍ତାଙ୍କଠାରୁ ନିୟମିତ ଭାବେ ବିଦ୍ୟୁତ ବିଲ୍ ଆଦାୟ କରୁଥିବା ବେଳେ ଉପଭୋକ୍ତାଙ୍କୁ ଠିକ୍ ଭାବେ ବିଦ୍ୟୁତ ସେବା ଯୋଗାଇବାରେ କାହିଁକି ବିଫଳ ହେଉଛି ବୋଲି ପ୍ରଶ୍ନ ଉଠାଇଥିଲେ। ବିଲ୍ ଆଦାୟରେ ତତ୍ପରତା ଦେଖାଉଥିବା ବିଭାଗ ସେବା ଯୋଗାଣରେ ଅବହେଳା କରୁଥିବା ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଗ୍ରାମରେ କୋଠିଶାଳ ଯାତ୍ରାର ଭସାଣି ଉତ୍ସବ ଚାଲିଥିବା ସମୟରେ ଏଭଳି ରାସ୍ତାରୋକ ଘଟଣା ସାଧାରଣ ଲୋକଙ୍କ ଯାତାୟାତକୁ ଆହୁରି ପ୍ରଭାବିତ କରିଥିଲା। ପ୍ରାୟ ଏକ ଘଣ୍ଟା ଧରି ରାସ୍ତା ଅବରୋଧ ରହିବାରୁ ହିଞ୍ଜିଳିକାଟୁ–ତାରାତାରିଣୀ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ଫଳରେ ଯାତ୍ରୀ ଓ ଗାଡ଼ିଚାଳକମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଖବର ପାଇ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ, ତହସିଲଦାର ତପନ ମହାପାତ୍ର ଏବଂ ବିଦ୍ୟୁତ ବିଭାଗର ଏସ୍‌ଡିଓ ସୁନୀଲ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରିଥିଲେ। ତେବେ ବିଦ୍ୟୁତ ଭଳି ଅତ୍ୟାବଶ୍ୟକ ସେବାରେ ବାରମ୍ବାର ବିଭ୍ରାଟକୁ ନେଇ ସାଧାରଣ ଉପଭୋକ୍ତାଙ୍କ ଅସନ୍ତୋଷ ଏବେ ସାମ୍ନାକୁ ଆସିଛି। କେବଳ ବିଲ୍ ଆଦାୟ ନୁହେଁ, ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ମଧ୍ୟ ବିଭାଗର ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଛି। ଏହି ଅଞ୍ଚଳରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହାକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି।

ଦୀପାବଳୀ ଅମାବାସ୍ୟାରେ କାଉଁରିଆ କାଠିର ମହତ୍ତ୍ୱ



ଗଜପତି(ମହାଭାରତ): ଆଗକୁ ଆଲୋକର ପର୍ବ ଦିପାବଳୀ ।ଏହି ଦିନ ଓଡ଼ିଆଙ୍କ ଚିରାଚରିତ ପର୍ବ ଭାବେ ଗାଁ ଗଣ୍ଡାରୁ ପିଠା ପଣା କରି ବଡ଼ ବଡୁଆଙ୍କୁ ତୁଳସୀ ଚଉରା ନିକଟରେ କାଉଁରିଆ କାଠି ଜଳାଇ ବଡବଡୁଆଙ୍କୁ ପୂଜା କରିଥାନ୍ତି। ସପରିବାର ,ବନ୍ଧୁ ବାନ୍ଧବ,ସାହି ପଡିଶାଙ୍କୁ ଏକ ସଙ୍ଗରେ ମିଶି କାଉଁରିଆ କାଠିକୁ ଜଳାଇ ବଡ଼ ବଡୁଆ ହୋ ଗଙ୍ଗା ଗୟା କାଶୀ ମଥୁରା ଯାଇ ବାଇଶି ପାହାଚ ରେ ରହି ଆମକୁ ଅମୃତ ଦୃଷ୍ଟିରେ ଚାହିଁ ଥ ହେ, ଅନ୍ଧାରରେ ଆସି ଉଜ୍ଜଳରେ ଯାଅ ହେ କହିଥାନ୍ତି।କିନ୍ତୁ ଦୀପାବଳି ପୂର୍ବରୁ ଗାଁ ହାଟରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ ଆଉ କାଉଁରିଆ କାଠ ମିଳୁନାହିଁ । କାରଣ ଆଉ ନଳିତା ଚାଷ ପୂର୍ବ ଭଳି ଗାଁରେ ଚାଷୀ କରୁନାହାନ୍ତି । ସମସ୍ତେ ଧାନ ଓ ପରିବା ଚାଷ କରୁଛନ୍ତି ।ଯେଉଁଥି ପାଇଁ ଚଳିତ ଦୀପାବଳିରେ ଗାଁ ଗଣ୍ଡାରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ କାଉଁରିଆ କାଠି ବା ନଳିତା କାଠି ମିଳୁନାହିଁ । ୪ ଟି କାଠି ବିଶିଷ୍ଟ ଗୋଟିଏ ବିଡ଼ାକୁ ୧୦ ରୁ ୧୫ ଟଙ୍କାରେ ବିକ୍ରି ହେଉଛି ।ନଳିତା ଚାଷର ପ୍ରସାର ପାଇଁ ବ୍ୟାପକ ଭିତିଭୂମି ଥିଲେ ମଧ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଏହି ଚାଷର ବିକାଶ ଆଶାନୁରୂପ ହୋଇପାରୁନାହିଁ ।ନଦୀ ଉପକୂଳବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ପୂର୍ବରୁ ଚାଷୀ ମାନେ ନଳିତା ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ଚାଷୀ ମାନେ ଧାନ ଓ ପନିପରିବା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଚାଷୀ ମାନଙ୍କ ସମସ୍ୟାକୁ ଦୂର କରିବା ପାଇଁ କୃଷି ବିଭାଗ ନାରାଜ । ନଳିତା ଚାଷ ସମୟରେ ଚାଷୀ ମାନଙ୍କୁ ଉପଯୁକ୍ତ ବିହନ, ବୈଷୟିକ କୌଶଳ ଓ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ନେଇ ଚାଷୀ ମାନଙ୍କ ପକ୍ଷରୁ ଶୁଣିବାକୁ ମିଳୁଛି । ନଳିତା ଚାଷୀ ମାନଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ପୂର୍ବପରି ନଳିତା ଚାଷର ଆଦର ରହିବ ବୋଲି ବୁଦ୍ଧୀଜିବି ମହଲରେ ମତ ପ୍ରକାଶ ପାଇଛି ।

ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



ଆଳି,(ମହାଭାରତ):ଆଳି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ଏହି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଆଳି ନିଆଳ ହାଟରୁ ଏହି ପଦଯାତ୍ରା ବାହାରି ନିଆଳ ଗ୍ରାମ,ଆଳି ନୂଆ ବଜାର ପରୀକ୍ରମା କରି ଦେମାଳ ଭଲିପଡିଆ ନିକଟରେ ଶେଷ ହୋଇଥିଲାକ୍ଷ ଏହି ଅବସରରେ ବିଧାୟକ ପ୍ରତାପ କେଶରୀ ଦେବ କହିଥିଲେ ଯେ ଏବେର ସରକାର ଲୋକମାନଙ୍କୁ ଯେଉଁ ପ୍ରତିଶୃତି ଦେଇ ସରକାର ଗଠନ କରିଥିଲା ସେଥିରେ ଫେଲ ମାରିଛି । ମାଳମାଳ ପ୍ରତିଶୃତି ଦେଇ ଭୁଲି ଯାଇଛି ସରକାର । ଭତ୍ତା ପାଇଁ ବୃଦ୍ଧ ବୃଦ୍ଧା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ବିକାଶ ଦିଗରେ ଚିନ୍ତା ନାହିଁ । ଡବଲ ଇଂଜିନ ସରକାରରେ ଟେଣ୍ଡର ଫିକ୍ସିଙ୍ଗ ସହ ୩୦ ପ୍ରତିଶତ ଲେସ ରେ ଟେଣ୍ଡର କରିବା ଦ୍ୱାରା ସରକାରଙ୍କ ଅର୍ଥରେ କିଭଳି ଭାବେ ନିମ୍ନ ମାନର କାମ ହେଉଥିବ ତାହା ସହଜେ ଅନୁମେୟ ବୋଲି କହିଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରିବା ସହ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ।ଏହି ଜନସମ୍ପର୍କ ପଦଯାତ୍ରାରେ ଜିଲ୍ଲାପରିଷଦ ଉପାଧକ୍ଷ ତଥା ଆଳି ବ୍ଲକ ବିଜେଡି ସଭାପତି ଭୀଷ୍ମ ମହାନ୍ତି,ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ,ଜିଲ୍ଲା ପରିଷଦ ଜୟରାମ ସାହୁ,ବରିଷ୍ଠ ବିଜେଡି ନେତା ବ୍ରଜ ସୁନ୍ଦର ଭୂୟାଁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଝରଣା ଦାଶଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ମାନଙ୍କ ସହିତ ଦୁଇ ହଜାରରୁ ଉର୍ଦ୍ଧ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

'ଅର୍ଣ୍ଣବ' ପ୍ରଭାବରେ ନୟାଗଡ଼ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ



ନୟାଗଡ଼, (ମହାଭାରତ) : ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ନୟାଗଡ଼ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଜିଲ୍ଲାର ଆଠଟି ବ୍ଲକରେ ଏକର ଏକର ଜମିରେ ପାଣି ମାଡ଼ି ଯିବ ରୁ ବ୍ୟାପକ ପନି ପରିବା ଫସଲ ଚାଷ ନଷ୍ଟ ହୋଇଛି। ବର୍ତ୍ତମାନ ପାଣି ଛାଡ଼ିବା ପରେ ଏଥିରେ ରୋଗ ପୋକ ଦାଉ ଚାଷୀ ମାନଙ୍କ ପାଇଁ ଚିନ୍ତା ବଢ଼ାଇଛି। ଚାଷୀ ମାନେ ଋଣ କରି ଚାଷ କରିଥିବାରୁ କିଭଳି ଋଣ ପରିଶୋଧ କରିବେ ତାଙ୍କୁ ନେଇ ଚିନ୍ତାରେ ଥିବା କହିଛନ୍ତି। ଏପଟେ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗର ସୂଚନା ଅନୁଯାୟୀ ଚଳିତ ବର୍ଷ ଜିଲ୍ଲାରେ ୫୦୦୦ ରୁ ୮୦୦୦ ହେକ୍ଟର ପର୍ଯ୍ୟନ୍ତ ଜମିରେ ପରିବା ଚାଷ ହୋଇଥିଲା। ବାତ୍ୟା ଅର୍ଣ୍ଣବ ଦ୍ୱାରା ହୋଇଥିବା ପରିବା ଫସଲ ନଷ୍ଟର କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଓଡ଼ଗାଁ ବ୍ଲକ୍ ଗୋଡିପଲ୍ଲୀ ପଞ୍ଚାୟତର ଚଢ଼େୟା ପଲ୍ଲୀ, ଅଭିମାନପୁର, ତେଲପଡା ତାଳପଟଣା, କୋଉରଙ୍ଗ ଖଳିପାଟଣା ଆଦି ଗାଁ ର ୩୦୦ ଶହ ଏକରରୁ ଉର୍ଦ୍ଧ ଜମିରେ ଚଳିତ ବର୍ଷ ଚାଷୀ ମାନେ ଫୁଲକୋବି, ଟମାଟୋ , ଭେଣ୍ଡି, ପୋଟଳ, ଜହ୍ନି ଭଳି ବିଭିନ୍ନ ପନିପରିବା ଚାଷ କରିଥିଲେ। ବାତ୍ୟା ଅର୍ଣ୍ଣବ ଦ୍ୱାରା ଜିଲ୍ଲାରେ ଲଗାଣ ବର୍ଷା ହେବାରୁ ଚାଷ ଜମି ପାଣିରେ ବୁଡ଼ିଗଲା। ଏବେ ପାଣି ଛାଡ଼ିଯିବା ପରେ ଫୁଲ କୋବି ଏବଂ ଟମାଟୋ ଚାରା ଝାଉଁଳି ନଷ୍ଟ ହୋଇଥିବା ବେଳେ ସେଥିରେ ରୋଗ ପୋକ ଲାଗି ନଷ୍ଟ ହେଉଛି। ୪୦୦ ରୁ ୫୦୦ ହେକ୍ଟର ଜମିରେ ପନିପରିବା ଅମଳ ସ୍ଥିତିରେ ରହିଥିବା ବେଳେ ସେଥିରେ ବର୍ଷା ପାଣି ମାଡି ଯିବାରୁ ଅମଳ ପୂର୍ବରୁ ଜମିରେ ପଚି ନଷ୍ଟ ହୋଇଛି। ସେପଟେ କୃଷି ବିଭାଗ ପକ୍ଷରୁ କୁହାଯାଇଛି ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ ଖୁବଶୀଘ୍ର ସରକାରଙ୍କୁ ପ୍ରଦାନ କରାଯିବ।

ମା' ଦ୍ୱାରଶୁଣି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଦିବସରେ ଯୋଗଦେଲେ ବିଧାୟକ

ଦଶପଲ୍ଲା,(ମହାଭାରତ): ପୁରୁଣା ଦଶପଲ୍ଲା ରାଜବାଟୀରେ ଗ୍ରାମର ଆରାଧ ଠାକୁରାଣୀ ମା' ଦ୍ୱାରଶୁଣି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ବଳଦେବ ଜିଉଙ୍କ ମନ୍ଦିର ପରିସରରେ ମହାବୀରଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି। ବଳଦେବ ଜିଉ ଉନ୍ନୟନ କମିଟିର ସମସ୍ତ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଦେବ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଠାକୁରାଣୀଙ୍କ ମନ୍ଦିର ଓ ମହାବୀରଙ୍କ ସମ୍ମୁଖରେ ହୋମ ଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ଗଣେଶ ପରିଡ଼ା, ଦୀପ୍ତିମୟୀ ପରିଡ଼ା, ସୁକାନ୍ତ କୁମାର ପରିଡ଼ା ଓ ବାସନ୍ତୀ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କମଳ ମିଶ୍ର, ସୋନୁ ପଣ୍ଡା ଓ ବିଶ୍ୱରଞ୍ଜନ ଦାସଙ୍କ ଦ୍ୱାରା ସମସ୍ତ ଦେବ ନୀତି ସମ୍ପନ୍ନ କରାଯାଇଥିଲା।

ଆଗକୁ ଦୀପାବଳି ମାଟି ଦୀପ ନିର୍ମାଣ କରିବାରେ ବ୍ୟସ୍ତ କୁମ୍ଭାର ପରିବାର



ଗଜପତି(ମହାଭାରତ): ଧର୍ମ ଅର୍ଜନର ମାସ ତଥା ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ ଆଲୋକର ପର୍ବ ଦୀପାବଳି। ଦୀପାବଳୀ ପର୍ବ ଆଉ ମାତ୍ର କିଛି ଦିନ ବାକିଥିବା ବେଳେ କୁମ୍ଭକାର ପରିବାର ମାଟିଦିପ ତିଆରି କରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି।ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାର ମାଡ଼ରେ ନହଜି ଆଜି ଯାଏଁ କିଛି ପରିବାର ବଞ୍ଚାଇ ରଖିଛନ୍ତି। ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା। ରନ୍ଧନ ପାଇଁ ଆବଶ୍ୟକ ମାଟି ପାତ୍ର ଠାରୁ ଆରମ୍ଭ କରି ମାଠିଆ, ହାଣ୍ଡି, ଗ୍ରୀଷ୍ମଋତୁରେ ପାଣି ଥଣ୍ଡା ରଖିବା ପାଇଁ ସୁରେଇ ଇତ୍ୟାଦି ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ । ସଭ୍ୟତାର ବିକାଶ ସହିତ ଆରମ୍ଭ ହୋଇଛି ଷ୍ଟିଲ ଯୁଗ । ରନ୍ଧନ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ଷ୍ଟିଲ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତିକୁ ବଞ୍ଚାଇ ରଖିବାପାଇଁ ଏବେବି ସଙ୍ଘର୍ଷ ଜାରୀ ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହା ପୂଜା ବ୍ରତ ସକାଶେ ନିତାନ୍ତ ଜରୁରୀ ।ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତା ରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର କିଛି ଜନସାଧାରଣ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି । ଆଧୁନିକତା ଯୁଗରେ ଜାଗର ଯାତ୍ରା ପାଳନ ସକାଶେ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜିତ ବିଦ୍ୟୁତ୍ ଦୀପ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେବି ବଞ୍ଚି ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଆଲୋକର ପର୍ବ ଦୀପାବଳି ରୋଜଗାର ସୃଷ୍ଟି କରିଥାଏ । ଦୀପାବଳୀର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ବାଘଶାଳା ପଞ୍ଚାୟତ ର ବାଘ ଶାଳା ଗ୍ରାମର କୁମ୍ଭକାର ପରିବାର ଏବେ ମାଟିଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି ।ତେବେ ମାଟିରେ ବିଭିନ୍ନ ଜିନିଷ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆଦରି ନେଇଥିବା କୁମ୍ଭକାର ପରିବାର ସରକାର ଯୋଜନାରେ ଅନ୍ତର୍ଭୁକ୍ତ କଲେ ଉପକୃତ ହୋଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି ।ଆଗାମୀ ଦିନରେ ଏହି କୌଳିକ ବୃତ୍ତି ଲୋପ ପାଇବା ଆଶଙ୍କା ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧୀଜୀବି ମହଲରେ ମତ ପ୍ରକାଶ ପାଇଛି । କୌଳିକ ବୃତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୁରୁଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି କୁମ୍ଭକାର ପରିବାର କହିଛନ୍ତି । ଦୀପାବଳୀ ପର୍ବରେ ମାଟି ଦୀପ ତିଆରି କରି କିଛିଟା ଅଧିକ ରୋଜଗାର କରିବାକୁ ଚାହିଁ ବସିଥିବା ବେଳେ ଆଧୁନିକତାର ଛାପରେ ଲୋକମାନେ ବିଭିନ୍ନ ପ୍ରକାରର ଚାଇନା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ପ୍ରସ୍ତୁତ ଦୀପ ବଜାରରେ ବହୁଳ ମାତ୍ରାରେ ବିକ୍ରି ହେଉଥିବା ବେଳେ ଏବଂ ଆଧୁନିକତାର ଚାପରେ ଲୋକେ ବିଭିନ୍ନ ଡିଜାଇନର ଦୀପ ବ୍ୟବହାର କରୁଥିବାରୁ ମାଟି ଦୀପର ଚାହିଦା ମଧ୍ୟ ଏକ ପ୍ରକାର ବୁଡ଼ିବାକୁ ବସିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ

ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ

ୱାଶିଂଟନ,୪।୧୧: ନଭେମ୍ବର ୩ ତାରିଖରେ ଆମେରିକାରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଅନେକ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କେତେକ ଜିତିଥିଲେ, ଅନ୍ୟମାନେ ହାରିଯାଇଥିଲେ। ଓହାଇଓର ରାଜ୍ୟପାଳ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ରାମାସ୍ୱାମୀ ହାରିଯାଇଥିଲେ। ସୁହାସ ସୁବ୍ରମଣ୍ୟମ ଏବଂ ପିୟା ଡାଣ୍ଡିଆଙ୍କ ପରି ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହୋଇଥିଲେ। ମେରିଲ୍ୟାଣ୍ଡ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଅରୁଣା ମିଲର ମଧ୍ୟ ପୁନଃନିର୍ବାଚନ ହାସଲ କରିଥିଲେ। ଏହି ନିର୍ବାଚନରେ ଆମେରିକା ସଂସଦର ନିମ୍ନ ସଦନ ପ୍ରତିନିଧି ସଭାର ସମସ୍ତ ୪୩୫ ଆସନ ଏବଂ ସେନେଟର ୧୦୦ ଆସନ ମଧ୍ୟରୁ ୩୭ ଆସନ ପାଇଁ ଭୋଟ୍ ହୋଇଥିଲା। ଏହା ସହିତ, ୩୬ଟି ରାଜ୍ୟରେ ରାଜ୍ୟପାଳ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଫଳାଫଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳର ବାକି ଦୁଇ ବର୍ଷର ରାଜନୈତିକ ଦୃଶ୍ୟପଟକୁ ପ୍ରଭାବିତ କରିବ। ଭାରତୀୟ ବଂଶୋଦ୍ଭବ ରିପବ୍ଲିକାନ୍ ପ୍ରାର୍ଥୀ ବିବେକ ରାମାସ୍ୱାମୀ ଓହାଇଓର ରାଜ୍ୟପାଳ ପାଇଁ



ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ପାଇଥିଲେ। ଏହା ସତ୍ତ୍ୱେ, ସେ ଡେମୋକ୍ରାଟିକ୍ ପ୍ରାର୍ଥୀ ଏମି ଆକ୍ଟନଙ୍କଠାରୁ ପରାସ୍ତ ହୋଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ଆକ୍ଟନ ୨୦୦,୦୦୦ ରୁ ଅଧିକ ଭୋଟରେ ରାମାସ୍ୱାମୀଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହିତ, ଏମି ଆକ୍ଟନ୍ ୨୦୦୬ ପରେ ଓହାଇଓର ରାଜ୍ୟପାଳ ହେବାରେ ପ୍ରଥମ ଡେମୋକ୍ରାଟ ହୋଇଥିଲେ। ଭର୍ଜିନିଆର ୧୦ତମ କଂଗ୍ରେସିଆଲ୍ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁହାସ ସୁବ୍ରମଣ୍ୟମ ପୁନଃନିର୍ବାଚନରେ ବିଜୟୀ ହୋଇଥିଲେ। ୪୦ ବର୍ଷୀୟ ଏହି ବ୍ୟକ୍ତି ୬୧ ପ୍ରତିଶତରୁ ଅଧିକ ଭୋଟ ପାଇଥିଲେ, ଯେତେବେଳେ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ, ଡେଭ୍ ବେକ୍ୱିଥ୍ ପ୍ରାୟ ୩୬ ପ୍ରତିଶତ ପାଇଥିଲେ। ସୁହାସ ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ହ୍ୱାଇଟ୍ ହାଉସରେ ପ୍ରଯୁକ୍ତିବିଦ୍ୟା ନୀତି ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ଡେମୋକ୍ରାଟିକ୍ ପ୍ରାର୍ଥୀ ପିୟା ଡାଣ୍ଡିଆ ଫ୍ଲୋରିଡାର ୨୨ତମ କଂଗ୍ରେସିଆଲ୍ ଜିଲ୍ଲାରୁ ମଧ୍ୟ ବିଜୟୀ ହୋଇଥିଲେ। ସେ ରିପବ୍ଲିକାନ୍ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରି ୫୧.୯ ପ୍ରତିଶତ ଭୋଟ ପାଇଥିଲେ। ପିୟା ଜଣେ ପୂର୍ବତନ ଶିକ୍ଷୟିତ୍ରୀ ଏବଂ ହାର୍ଲେମର ପୂର୍ବତନ ହାଇସ୍କୁଲ୍ ପ୍ରିନ୍ସିପାଲ୍ ଥିଲେ। ରୋ ଖାନ୍ନା କାଲିଫର୍ନିଆର ୧୭ତମ କଂଗ୍ରେସିଆଲ୍ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ପ୍ରାରମ୍ଭିକ ଫଳାଫଳରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରିତେଶ ଟଣ୍ଡନଙ୍କୁ ୩୫,୦୦୦ ରୁ ଅଧିକ ଭୋଟରେ ଆଗୁଆ ଥିବା ଦେଖାଯାଇଥିଲା। ୱାଶିଂଟନର ୭ତମ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମିଳା ଜୟପାଲ ମଧ୍ୟ ରିପବ୍ଲିକାନ୍ ପ୍ରାର୍ଥୀ ନୀରବ ଶେଠଙ୍କ ବିପକ୍ଷରେ ଏକ ଦୃଢ଼ ସ୍ଥିତିରେ ଥିଲେ। ସେ ୧,୫୦,୦୦୦ ରୁ ଅଧିକ ଭୋଟରେ ଆଗୁଆ ଥିଲେ। ପ୍ରମିଳା ୨୦୧୭ ମସିହାରୁ ଏହି ଆସନରୁ ପ୍ରତିନିଧିତ୍ୱ କରିଆସୁଛନ୍ତି ଏବଂ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ହୋଇଥିବା ପ୍ରଥମ ଭାରତୀୟ-ଆମେରିକୀୟ ମହିଳା। କାଲିଫର୍ନିଆର ତୃତୀୟ କଂଗ୍ରେସନାଲ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମି ବେରା ମଧ୍ୟ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୫,୦୦୦ ରୁ ଅଧିକ ଭୋଟରେ ପଛରେ ପକାଇଥିଲେ। ଆରିଜୋନାର ୧ମ ଜିଲ୍ଲାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡେମୋକ୍ରାଟିକ୍ ପ୍ରାର୍ଥୀ ଅମିଶ ଶାହ ମଧ୍ୟ ଅଗ୍ରଣୀ ଥିଲେ। ସେ ଜଣେ ପୂର୍ବତନ ଡାକ୍ତର ଏବଂ ଆରିଜୋନା ଷ୍ଟେଟ୍ ଆସେମ୍ବଲିରେ ତିନି ଥର କାର୍ଯ୍ୟ କରିଛନ୍ତି।

ଭ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଦୁଇରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିପାରିବେ

ନୂଆଦିଲ୍ଲୀ,୪।୧୧: ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କର ପୌର ସଂସ୍ଥା ନିର୍ବାଚନ ଲଢ଼ିବାରେ ପ୍ରତିବନ୍ଧକ ଲଗାଇବା ପାଇଁ ଆଇନ ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଶୀର୍ଷକୋର୍ଟ କହିଛନ୍ତି ଯେ, ଭାରତରେ ଜନ୍ମହାର କ୍ରମାଗତ ଭାବରେ ହ୍ରାସ ପାଉଛି। ଫଳସ୍ୱରୂପ ଦୁଇ ସନ୍ତାନର ସୀମା ସ୍ଥିର କରୁଥିବା ଆଇନଗୁଡ଼ିକ ସେମାନଙ୍କର ପ୍ରାସଙ୍ଗିକତା ହରାଇଛନ୍ତି ଏବଂ ସେସବୁର ପୁନଃବିଚାରର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟ ଏହି ମାମଲାକୁ ଏକ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି। ବିଚାରପତି ପି.ଏସ୍. ନରସିଂହ ଏବଂ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଜାଭେଦ ବନାମ ହରିୟାଣା ରାଜ୍ୟ ମାମଲାର ୨୦୦୩ ମସିହାର ରାୟକୁ ଏକ ବୃହତ୍ତର ଖଣ୍ଡପୀଠକୁ ପଠାଇ ଦେଇଛନ୍ତି। ସେହି ରାୟରେ ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ହରିୟାଣାର ଏକ ଆଇନକୁ ସମର୍ଥନ କରିଥିଲେ। ଆଇନ ଅନୁସାରେ ଜଣେ ବ୍ୟକ୍ତିଙ୍କର ଦୁଇରୁ ଅଧିକ ସନ୍ତାନ ଥିଲେ ତାଙ୍କୁ ପଞ୍ଚାୟତ ନିର୍ବାଚନ ଲଢ଼ିବା ପାଇଁ ବାରଣ କରାଯାଇଥିଲା। ରାୟ ପ୍ରଦାନ କରିବା ସମୟରେ, ଜଷ୍ଟିସ୍ ପି.ଏସ୍. ନରସିଂହା କହିଛନ୍ତି ଯେ, ଦୁଇରୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ଲୋକଙ୍କୁ ଦଣ୍ଡିତ କରୁଥିବା କିମ୍ବା ନିର୍ବାଚନ ଲଢ଼ିବାରୁ ନିଷେଧ କରୁଥିବା ଆଇନଗୁଡ଼ିକ ସେମାନଙ୍କର ପ୍ରାସଙ୍ଗିକତା ହରାଇ ବସିଛନ୍ତି। ଏହି ଆଇନଗୁଡ଼ିକ ପଛରେ ଉଦ୍ଦେଶ୍ୟ ଦେଶର ଜନସଂଖ୍ୟା ବୃଦ୍ଧିକୁ ରୋକିବା ଥିଲା। କିନ୍ତୁ ଗତ କିଛି ଦଶନ୍ଧି ମଧ୍ୟରେ ଦେଶର ଜନସଂଖ୍ୟାଗତ ପରିସ୍ଥିତିରେ ପରିବର୍ତ୍ତନ ହୋଇଛି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ୨୦୦୩ ମସିହାରେ ଭାରତର ମୋଟ ପ୍ରଜନନ ହାର ୩ ଥିଲା, କିନ୍ତୁ ଏବେ ଏହା ହ୍ରାସ ପାଇ ୧.୯ ହୋଇଛି। ତେବେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସ୍ଥିର ଜନସଂଖ୍ୟା ବଜାୟ ରଖିବା ପାଇଁ, ଏହି ହାର ୨.୧ ହେବା ଉଚିତ୍। କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି, ଯଦି ଜନ୍ମହାର ହ୍ରାସ ପାଇବା ଜାରି ରହେ, ତେବେ ଦେଶରେ ବୃଦ୍ଧଙ୍କ ଜନସଂଖ୍ୟା ବୃଦ୍ଧି ପାଇବ ଏବଂ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇବ। ତେଣୁ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ଆଇନଗୁଡ଼ିକୁ ଜାରି ରଖିବା ଏପରିସ୍ଥଳେ ଉପଯୁକ୍ତ ହେବ ନାହିଁ।



ଦେଶରେ ୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରା ଜାରି

ନୂଆଦିଲ୍ଲୀ,୪।୧୧: ଆପଣ ୧୦ ଟଙ୍କିଆ ଓ ୨୦ ଟଙ୍କିଆ କଏନ୍ ନିଶ୍ଚିତ ଦେଖିଥିବେ। ପ୍ରତିଦିନ କିଣାକିଣିରେ ଏହାକୁ ବ୍ୟବହାର ମଧ୍ୟ କରୁଥିବେ। କିନ୍ତୁ ଏବେ ଦେଶରେ ଜାରି ହୋଇଛି ୨୫୦ ଟଙ୍କିଆ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା। ଏହି ନିଆରା କଏନ୍ ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ମହାନ କର୍ଣ୍ଣାଟକ ସଙ୍ଗୀତଜ୍ଞ ମୁଥୁସ୍ୱାମୀ ଦୀକ୍ଷିତାରଙ୍କ ୨୫୦ତମ ଜୟନ୍ତୀ ଅବସରରେ ଏହି ସ୍ୱତନ୍ତ୍ର ମୁଦ୍ରା ଜାରି କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବାରାଣସୀରେ ଆଇଆଇଟି-ବିଏଚ୍ୟୁ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏହି ୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରାକୁ ଉନ୍ମୋଚନ କରିଛନ୍ତି। ତେବେ ଏହି ମୁଦ୍ରା କ'ଣ ସାଧାରଣ କିଣାକିଣିରେ ବ୍ୟବହାର କରିହେବ? ଏହାର ଓଜନ କେତେ ଏବଂ ଦାମ୍ କେତେ? ଆସନ୍ତୁ ଜାଣିବା। ଏହି ସ୍ମାରକୀ ମୁଦ୍ରାକୁ ନେଇ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହାକୁ ସାଧାରଣ ଟଙ୍କା ଭଳି ବ୍ୟବହାର କରିହେବ କି? ତେବେ ଏହି କଏନ୍ ସାଧାରଣ ଦୈନନ୍ଦିନ ଲେଣଦେଣ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହାକୁ ଏକ ସ୍ମାରକୀ ଓ ସଂଗ୍ରହଯୋଗ୍ୟ ମୁଦ୍ରା ଭାବେ ଜାରି କରାଯାଇଛି। ଯେଉଁମାନେ ଏଭଳି ନିଆରା କଏନ୍ ସଂଗ୍ରହ କରିବାକୁ ପସନ୍ଦ କରନ୍ତି, ସେମାନେ ଓଭୟସବ ଏକ୍ସଙ୍ଗ-ରକ୍ୱଭଙ୍ଗରଭଶ୍ୱ ଗସଭଶ୍ୱ ର ଅଧିକାରିକ ୱେବସାଇଟ୍‌ରୁ ଏହାକୁ କିଣିପାରିବେ। ଏହି ୨୫୦ ଟଙ୍କିଆ ସ୍ମାରକୀ ମୁଦ୍ରାକୁ ୪ଟି ଧାତୁର ମିଶ୍ରଣରେ ପ୍ରସ୍ତୁତ କରାଯାଇଛି। ଏଥିରେ ରହିଛି ରୁପା, ତମ୍ବା, ନିକେଲ ଓ ଜିଙ୍କ। ଏହାର ଓଜନ ୩୫ ଗ୍ରାମ ରହିଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ଓ ଐତିହାସିକ ମହତ୍ତ୍ୱ ଏହାକୁ କଏନ୍ ସଂଗ୍ରହକାରୀଙ୍କ ପାଇଁ ଆକର୍ଷଣୀୟ କରିଛି। ଏହି ସ୍ମାରକୀ ମୁଦ୍ରାର ମୂଲ୍ୟକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଏହାର ବିକ୍ରୟ ମୂଲ୍ୟ ପ୍ରାୟ ୬,୯୮୫ ଟଙ୍କା ରଖାଯାଇଛି। ଅର୍ଥାତ୍ ଏହାର ମୂଲ୍ୟ ୨୫୦ ଟଙ୍କା ହୋଇଥିଲେ ମଧ୍ୟ ଏହାକୁ କିଣିବା ପାଇଁ ପ୍ରାୟ ୭ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ।

ମୋଦୀ ସରକାରଙ୍କ ଦୀପାବଳି ଉପହାର

୭୫ ପ୍ରତିଶତ ଅଗ୍ନିବୀରଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୪।୧୧: ଅଗ୍ନିବୀରଙ୍କୁ ନରେନ୍ଦ୍ର ମୋଦି ସରକାର ଦେଇଛନ୍ତି ଦୀପାବଳି ଉପହାର। ସରକାର ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି କରିଥିବାର କରିଛନ୍ତି ବଡ଼ ଘୋଷଣା। ଏହାଦ୍ୱାରା ଅଗ୍ନିବୀରମାନେ ସଶସ୍ତ୍ର ବାହିନୀରେ ଅଧିକ ସମୟ ସେବା କରିବା ସହ ନିୟମିତ ସେନାରେ ସାମିଲ ହେବାର ସୁଯୋଗ ମଧ୍ୟ ପାଇପାରିବେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ଉଡଝ) ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ବୁଧବାର ଏହି ଏହି ବଡ଼ ଘୋଷଣା କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଅଗ୍ନିବୀରଙ୍କୁ ଅତିରିକ୍ତ ୨ ବର୍ଷର ଏନଗେଜମେଣ୍ଟ ପିରିୟଡ୍ ମିଳିବ। ଏହି ସମୟସୀମା ଶେଷ ହେବା ପରେ ଯୋଗ୍ୟ ଓ ଆଗ୍ରହୀ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ଚୟନ ପ୍ରକ୍ରିୟା ଆଧାରରେ ସେନାରେ ନିୟମିତ ଭାବେ ନିଯୁକ୍ତି ମିଳିବାର ସୁଯୋଗ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଗ୍ନିବୀରଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି



ଏପରି ଏକ ସମୟରେ ଆସିଛି, ଯେତେବେଳେ ପ୍ରାୟ ୧୮୦୦୦ ଅଗ୍ନିବୀର ନିଜର କାର୍ଯ୍ୟକାଳ ଶେଷ କରି ସେବାରୁ ଅବସର ନେବାକୁ ଯାଉଥିଲେ। ଉଡଝ ଜେନେରାଲ ରାଜା ସୁବ୍ରମଣି କହିଛନ୍ତି ଯେ, ସମସ୍ତ ଅଗ୍ନିବୀରଙ୍କୁ ସଶସ୍ତ୍ର ବାହିନୀରେ ନିଜର ସେବା ଜାରି ରଖିବାର ସୁଯୋଗ ଦିଆଯିବ। ତେବେ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ମୂଲ୍ୟାଙ୍କନ ଉପରେ ନିର୍ଭର କରିବ। ସିଡିଏସ୍ କହିଛନ୍ତି, ଆଜିର ଦିନ ଭାରତୀୟ ପ୍ରତିରକ୍ଷା ବଳ ଓ ଆମର ଅଗ୍ନିବୀରଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କ୍ୟାବିନେଟ ସମସ୍ତ ଅଗ୍ନିବୀରଙ୍କୁ ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବା ପାଇଁ ପଥ ଖୋଲି ଦେଇଛି। ୧୪ ଜୁନ୍ ୨୦୨୨ ରେ ଆରମ୍ଭ ହୋଇଥିଲା ଅଗ୍ନିପଥ ଯୋଜନା। ଏହି ଯୋଜନା ଅନୁଯାୟୀ ଅଗ୍ନିବୀରମାନଙ୍କୁ ଚାରି ବର୍ଷ ପାଇଁ ସେନାରେ ନିଯୁକ୍ତି ଦିଆଯାଉଥିଲା। ଚାରି ବର୍ଷ ପରେ ସେମାନଙ୍କ ମଧ୍ୟରୁ ମେଧା ଓ ଯୋଗ୍ୟତା ଆଧାରରେ ୨୫ ପ୍ରତିଶତଙ୍କୁ ନିୟମିତ ସେନାରେ ରଖିବାର ବ୍ୟବସ୍ଥା ରହିଥିଲା। ଅବଶିଷ୍ଟ ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ସେବାରୁ ଫେରିବାକୁ ପଡୁଥିଲା। କିନ୍ତୁ ନୂଆ ନିଷ୍ପତ୍ତି ଅନୁଯାୟୀ, ଏହି ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଆଉ ୨ ବର୍ଷର ଅତିରିକ୍ତ ସେବା ଅବଧି ମିଳିବ। ଏହି ଦୁଇ ବର୍ଷ ଶେଷ ହେବା ପରେ ଯେଉଁ ଅଗ୍ନିବୀରମାନେ ନିୟମିତ ସେନାରେ ରହିବାକୁ ଇଚ୍ଛୁକ ଥିବେ, ସେମାନଙ୍କୁ ନିର୍ଦ୍ଧାରିତ ଚୟନ ମାନଦଣ୍ଡ ଆଧାରରେ ନିଯୁକ୍ତି ସୁଯୋଗ ମିଳିବ।

୫ରେ ଇଣ୍ଡି ବ୍ଲକର ଏସ୍ଆଇଆର ବିରୋଧୀ ବିକ୍ଷୋଭ

ବେଙ୍ଗାଲୁରୁ,୪।୧୧: ଏସ୍ଆଇଆରକୁ ବିରୋଧ କରି ଆସନ୍ତା ୫ ତାରିଖରେ ବେଙ୍ଗାଲୁରୁର ଫ୍ରିଡମ ପାର୍କରେ ଇଣ୍ଡିଆ ବ୍ଲକ ତରଫରୁ ବିକ୍ଷୋଭ ଆୟୋଜିତ ହେବ। ସୂଚନାଥାଉ କି ଏସ୍ଆଇଆରକୁ ବିରୋଧ କରି ଗତ ୧ ତାରିଖରେ ଇଣ୍ଡିଆ ବ୍ଲକ ତରଫରୁ ଦିଲ୍ଲୀର ରାମଲୀଳା ମୈଦାନରେ ବିକ୍ଷୋଭ ଆୟୋଜିତ ହୋଇଥିଲା। ଏହାକୁ ଦେଶବ୍ୟାପୀ ଆୟୋଜିତ ଲକ୍ଷ୍ୟରେ ଆସନ୍ତା ୫ରେ ବେଙ୍ଗାଲୁରୁରେ ବିକ୍ଷୋଭ ଆୟୋଜିତ ହେବ ବୋଲି ମଙ୍ଗଳବାର ଘୋଷଣା ହୋଇଛି। ମଙ୍ଗଳବାର କର୍ଣ୍ଣାଟକ ପ୍ରଦେଶ କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ କଂଗ୍ରେସ ସଭାପତି ବିକେ ହରିପ୍ରସାଦ କହିଥିଲେ ବିଜେପି ସାମ୍ବିଧାନିକ ସଂସ୍ଥାଗୁଡ଼ିର ଦୁରୁପଯୋଗ କରୁଛନ୍ତି। ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକ ତରଫରୁ ଅଭିଯାନ ଆରମ୍ଭ ହୋଇଛି। ଏସ୍ଆଇଆରକୁ ବାତିଲ କରିବା ସହ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କ ବହିଷ୍କାର ପାଇଁ ଇଣ୍ଡିଆ ବ୍ଲକ ଦାବି କରିଆସୁଛି।

ମଣିପୁରରେ ନାଗା ଉଗ୍ରବାଦୀ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ : ୩ ନିହତ

ଇମ୍ଫାଲ,୪।୧୧: ମଣିପୁରର ନୋନେ ଜିଲ୍ଲାରେ ବୁଧବାର ପ୍ରତ୍ୟୁଷରେ ବିଭିନ୍ନ ନାଗା ଉଗ୍ରବାଦୀ ଗୋଷ୍ଠୀ ମଧ୍ୟ ତୀବ୍ର ସଂଘର୍ଷ ଓ ଗୁଳି ବିନିମୟରେ ୩ ଜଣ ଉଗ୍ରବାଦୀ ନିହତ ହୋଇଛନ୍ତି। ଭୋର ପ୍ରାୟ ୪ଟା ବେଳେ ଜେଲିଆନଗ୍ରୋଙ୍ଗ ୟୁନାଇଟେଡ୍ ଫ୍ରଣ୍ଟ ଓ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ସମେତ ବିଭିନ୍ନ ନାଗା ଉଗ୍ରବାଦୀ ସଂଗଠନର କ୍ୟାଡରମାନଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ନାଗା ବହୁଳ ଜିଲ୍ଲାର ଖୌପୁମ ଅଞ୍ଚଳର ତାଓଦାଇଜାଙ୍ଗ ଗାଁରେ ଏହି ଗୁଳିବିନିମୟ ଘଟିଥିଲା ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକମାନେ ନିହତ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଅଧିକ ହିଂସା ରୋକିବାକୁ ଗୁଳିବିନିମୟ ଘଟଣା ପରେ ମହିଳାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଯାଇଥିଲେ। ସେମାନେ କ୍ୟାଡରମାନଙ୍କୁ ଗୁଳିଚାଳନା ବନ୍ଦ କରିବାକୁ ଅପିଲ କରିବା ପାଇଁ ଏକ ସାଧାରଣ ସମ୍ବୋଧନ ବ୍ୟବସ୍ଥା ମଧ୍ୟ ବ୍ୟବହାର କରିଥିଲେ।

ଭାରତରେ ଖସିପଡ଼ିବ ନାସା ଟେଲିସ୍କୋପ

ନୂଆଦିଲ୍ଲୀ,୪।୧୧: ଭାରତରେ ଖସିପଡ଼ିବ ନାସାର ଟେଲିସ୍କୋପ! । ୧.୫ ଟନ୍ ଓଜନର ମହାକାଶ ଟେଲିସ୍କୋପ ଭାରତରେ ଖସି ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି । ୧.୫ ଟନ୍ ଓଜନର ମହାକାଶ ଟେଲିସ୍କୋପ 'ନିଲ୍ ଗେହରେଲ୍ସ ସ୍ୱିଫ୍ଟ ଅବଜରଭେଟୋରୀ' ପୃଥିବୀର ବାୟୁମଣ୍ଡଳକୁ ଫେରିବାକୁ ଯାଉଛି । ୨୦୦୪ ମସିହାରେ ମହାକାଶକୁ ପଠାଯାଇଥିବା ଏହି ଟେଲିସ୍କୋପ ପ୍ରାୟ ୨୨ ବର୍ଷ ଧରି ମହାକାଶରେ କାର୍ଯ୍ୟ କରିଛି। ବୁଧବାର ଏହା ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିଛି । ଏହାର ଅବଶେଷ ଭାରତର କିଛି ଅଞ୍ଚଳରେ ପଡ଼ିବାର ସମ୍ଭାବନା ଥିବାରୁ ଓଡ଼ିଶା ସମେତ କେତେକ ଅଞ୍ଚଳ ମଧ୍ୟ ସମ୍ଭାବ୍ୟ କ୍ଷେତ୍ର ମଧ୍ୟରେ ରହିଛି । ତେବେ ଏହା କେଉଁ ସ୍ଥାନରେ ଖସିବ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ଟେଲିସ୍କୋପର ଅଧିକାଂଶ ଅଂଶ ବାୟୁମଣ୍ଡଳରେ ଜଳିଯିବ । କିଛି ଅଂଶ ପୃଥିବୀ ପୃଷ୍ଠରେ ପହଞ୍ଚିପାରେ । ଅଧିକାଂଶ ଅବଶେଷ ସମୁଦ୍ରରେ ପଡ଼ିବାର ସମ୍ଭାବନା ରହିଛି ।

ଗୁଆହାଟୀ ହୋଟେଲ ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ନିହତ

ଗୁଆହାଟୀ,୪।୧୧: ଆସାମର ଗୁଆହାଟୀସ୍ଥିତ ହୋଟେଲ ବିଲାସ ଇନ୍‌ରେ ହୋଇଥିବା ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଘନକାନ୍ତ ଗୋଗୋଇ ପୁଲିସ ଗୁଳିରେ ପ୍ରାଣ ହରାଇଛି। ବୁଧବାର ଭୋର ସମୟରେ ଶିବସାଗର ଜିଲ୍ଲାର ଗୌରୀସାଗର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଅକ୍ଟୋବର ୨୬ ତାରିଖରେ ହୋଟେଲରେ ହୋଇଥିବା ଗୁଳିକାଣ୍ଡରେ ପାଞ୍ଚ ଜଣଙ୍କ ମୃତ୍ୟୁ ଓ ଜଣେ ଆହତ ହୋଇଥିଲେ। ପୁଲିସ ସୂଚନା ଅନୁଯାୟୀ, ଅନ୍ୟ ଏକ ମାମଲାରେ ପଚରାଉଚରା ପାଇଁ ଘନକାନ୍ତଙ୍କୁ ଗୁଆହାଟୀରୁ ଶିବସାଗର ନିଆଯାଉଥିଲା। ବାଟରେ ପରିସ୍ରା କରିବାକୁ ଯିବା ବାହାନାରେ ସେ ତଦନ୍ତକାରୀ ଅଧିକାରୀଙ୍କ ବନ୍ଧୁକ ଛଡ଼ାଇବାକୁ ଉଦ୍ୟମ କରିଥିଲା। ଏହି ସମୟରେ ଧସ୍ତାଧସ୍ତି ହେବାରୁ ଅଧିକାରୀ ଦେବାଶିଷ ଶର୍ମା ଗୁଳି ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ତାଙ୍କ ସର୍ଭିସ୍ ରାଇଫଲ୍‌ରୁ ଗୁଳି ଚଳାଇଥିଲେ, ଯେଉଁଥିରେ ଗୋଗୋଇ ଆହତ ହୋଇଥିଲେ। ଆହତ ଘନକାନ୍ତଙ୍କୁ ଡାକ୍ତରଖାନା ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

ଭାରତ ସମେତ ୪ ଦେଶକୁ ହର୍ମୁଜ୍ ଗେଟ୍ ଖୋଲା

ତେହେରାନର କୂଟନୈତିକ ଓ ଆର୍ଥିକ ଆଶ୍ୱସ୍ତି ପ୍ରଦାନ




ନୂଆଦିଲ୍ଲୀ,୪।୧୧: ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ରଣନୈତିକ ଉତ୍ତେଜନା ଏବଂ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଉପରେ କଠୋର କଟକଣା ମଧ୍ୟରେ, ତେହେରାନ ଭାରତକୁ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଏବଂ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିଛି । ଇରାନ ଏହି ରଣନୈତିକ ସମୁଦ୍ର ମାର୍ଗ ଦେଇ ଜାହାଜ ଚଳାଚଳ ପାଇଁ ଭାରତ, ଚୀନ୍, ଇରାକ ଏବଂ କାତାରକୁ ସ୍ୱତନ୍ତ୍ର ଛାଡ ପ୍ରଦାନ କରିଛି । ବିଶ୍ୱ ଶକ୍ତି ସଙ୍କଟ ଏବଂ ଯୋଗାଣ ଶୃଙ୍ଖଳା ବିଭ୍ରାଟ ନେଇ ଚିନ୍ତା ମଧ୍ୟରେ ଏହି ନିଷ୍ପତ୍ତି ହରମୁଜ୍ ପ୍ରଣାଳୀ ଦେଇ ଭାରତୀୟ ତୈଳ ଏବଂ ବାଣିଜ୍ୟିକ ଜାହାଜ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିଛି । ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଆମିର ହାୟାତ ମୋକାଦ୍ଦାମଙ୍କ ବିବୃତ୍ତି ଏବଂ କୂଟନୈତିକ ସୂତ୍ର ଅନୁଯାୟୀ, ତେହେରାନ ଏହି କଟକଣାରୁ କିଛି ରଣନୈତିକ ଅଂଶୀଦାରଙ୍କୁ ମୁକ୍ତ କରିଛି । କାତାରକୁ ମାଗଣା ପଥ ପ୍ରଦାନ କରାଯାଇଥିବା ବେଳେ, ଟ୍ରାନଜିଟ୍ ଫି ଏବଂ ସ୍ୱତନ୍ତ୍ର ରଣନୈତିକ ଚୁକ୍ତିନାମା ଅଧୀନରେ ଭାରତ ଏବଂ ଚୀନ ପାଇଁ କରିଡର ଖୋଲାଯାଇଛି । ଏହି ଛାଡ ବଦଳରେ ଭାରତର ଅତ୍ୟାବଶ୍ୟକ ଔଷଧ ଯୋଗାଣ ଏବଂ କୂଟନୈତିକ ସମର୍ଥନ ସୁରକ୍ଷିତ କରିବା ପାଇଁ ଇରାନ ଏକ ରଣନୀତି ଉପରେ କାମ କରୁଛି । କୂଟନୈତିକ ମହଲରେ, ଏହି ପ୍ରମୁଖ ନିଷ୍ପତ୍ତିକୁ ଭାରତୀୟ ନୌସେନା ଏବଂ ବାୟୁସେନା ଦ୍ୱାରା ସାମ୍ପ୍ରତିକ ଏକ ସାହସିକ ଉଦ୍ଧାର ଅଭିଯାନ ସହିତ ମଧ୍ୟ ଯୋଡାଯାଉଛି । ଭାରତୀୟ ସୁରକ୍ଷା ବାହିନୀ ସମ୍ପ୍ରତି ଗଭୀର ସମୁଦ୍ରରେ ଫସି ରହିଥିବା ୨୦ ଜଣ ଇରାନୀ ନାବିକଙ୍କୁ ଉଦ୍ଧାର କରିଛି, ଯାହା ଦୁଇ ଦେଶ ମଧ୍ୟରେ ମାନବିକ ଏବଂ କୂଟନୈତିକ ବିଶ୍ୱାସକୁ ସୁଦୃଢ଼ କରିବାରେ ଏକ ପରିବର୍ତ୍ତନ ଭାବରେ ଦେଖାଯାଉଛି । ଭାରତର ଅଶୋଧିତ ତୈଳର ଏକ ବଡ଼ ଅଂଶ ଏହି ସଂକୀର୍ଣ୍ଣ ସମୁଦ୍ର ପଥ ଦେଇ ଯାଏ, ତେଣୁ ତେହେରାନର ଏହି ପଦକ୍ଷେପକୁ ଭାରତର ଶକ୍ତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

ଭ ଦୀପାବଳି ପୂର୍ବରୁ ମହଙ୍ଗାମାଡ଼

ବଢ଼ିଲା ଅମୂଲ ଘିଅ, ବଟର ଦାମ୍

ନୂଆଦିଲ୍ଲୀ,୪।୧୧: ଦୀପାବଳି ପାଖେଇ ଆସୁଛି, ଏବଂ ବିଭିନ୍ନ ପ୍ରକାରର ମିଠା, ଖାଦ୍ୟ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ସମୟରେ, ରୋଷେଇ ଘରେ ପୁଣି ହୋଇଛି ମହଙ୍ଗାମାଡ। ଦେଶର ସବୁଠାରୁ ବିଶ୍ୱସ୍ତ ଡାଏରୀ ବ୍ରାଣ୍ଡ ଅମୂଲ, ପର୍ବ ପୂର୍ବରୁ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି କରିଛି। କମ୍ପାନୀ ସିଧାସଳଖ ୧ କିଲୋଗ୍ରାମ ଅମୂଲ ଘିଅ ପ୍ୟାକେଟର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରିଛି, ୫୦୦ ଗ୍ରାମ ବଟର ପ୍ୟାକେଟ ମଧ୍ୟ ୧୫ ଟଙ୍କା ମହଙ୍ଗା ହୋଇଛି। ଏହା ବ୍ୟତୀତ ଗୁଜରାଟ ସମେତ ଦେଶର ଅନେକ ପ୍ରମୁଖ ସହରରେ ଅମୂଲ ଘିଅ ଅଭାବ ଦେଖାଯାଇଥିବା ଜଣାପଡ଼ିଛି। ନକଲି ଘିଅ ଉପରେ କଟକଣା ଏବଂ ବିଶ୍ୱସ୍ତ ବ୍ରାଣ୍ଡର ଚାହିଦା: ସାମ୍ପ୍ରତିକ ଦିନରେ, ଗୁଜରାଟ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦,୦୦୦ କିଲୋଗ୍ରାମ ଭେଜାଲ/ନକଲି ଘିଅ ଜବତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପରେ, ଗ୍ରାହକମାନେ ସ୍ଥାନୀୟ କିମ୍ବା ଅଣବ୍ରାଣ୍ଡେଡ୍ ଘିଅରୁ ଅମୂଲ ଭଳି ବିଶ୍ୱସ୍ତ ବ୍ରାଣ୍ଡକୁ ସ୍ଥାନାନ୍ତରିତ ହୋଇଛନ୍ତି, ଯାହା ଫଳରେ ଚାହିଦା ହଠାତ୍ ବୃଦ୍ଧି ପାଇଛି। ପର୍ବପର୍ବାଣୀ ଚାହିଦା: ଦେଶର ମୋଟ ବାର୍ଷିକ ବ୍ୟବହାରର ପ୍ରାୟ ୪୫% ପର୍ବପର୍ବାଣୀ ଋତୁ ପାଇଁ। ଦୀପାବଳି ପୂର୍ବରୁ ଚାହିଦାର ଏହି ବୃଦ୍ଧି ଯୋଗାଣ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଛି। ସେପ୍ଟେମ୍ବର ୨୦୨୫ରେ, ଯେତେବେଳେ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସ୍‌ଟି ହାର ୧୨% ରୁ ୫% କୁ ହ୍ରାସ କରାଯାଇଥିଲା, ସେତେବେଳେ ଅମୂଲ ୧ ଲିଟର ଘିଅ ପ୍ୟାକେଟର ମୂଲ୍ୟ ୬୫୦ ରୁ ୬୧୦ ଏବଂ ବଟର ୩୦୫ ରୁ ୨୮୫ କୁ ହ୍ରାସ କରିଥିଲା। ଏହି ସଦ୍ୟତମ ମୂଲ୍ୟ ବୃଦ୍ଧି ଜିଏସଟି ହ୍ରାସ ଦ୍ୱାରା ପ୍ରଦାନ କରାଯାଇଥିବା ଆଶ୍ୱସ୍ତିର ମୂଲ୍ୟକୁ ସମ୍ପୂର୍ଣ୍ଣ ହ୍ରାସ କରି ଦେଇଛି। ଦୀପାବଳି ପବିତ୍ର ଅବସରରେ ଘିଅ ଏବଂ ବଟରର ମୂଲ୍ୟ ବୃଦ୍ଧି ସାଧାରଣ ପରିବାରର ଉତ୍ସବ ବଜେଟକୁ ନିଶ୍ଚିତ ପ୍ରଭାବିତ କରିବ ବୋଲି କୁହାଯାଉଛି।



ରାହୁଲ ଗାନ୍ଧୀଙ୍କ ସମାବେଶରେ ଯୋଗ ନ ଦେବାରୁ ୫୦ରୁ ଅଧିକ ନେତା ନିଲମ୍ବିତ

ନୂଆଦିଲ୍ଲୀ,୪।୧୧: ମଧ୍ୟପ୍ରଦେଶରେ ରାହୁଲ ଗାନ୍ଧୀଙ୍କ ସମାବେଶରେ ଯୋଗ ଦେଇ ନ ଥିବାରୁ ୫୦ ଜଣ ଯୁବ କଂଗ୍ରେସ ନେତାଙ୍କୁ ଆକ୍ରୋଶର ଶିକାର ହେବାକୁ ପଡିଛି । ଏଥିପାଇଁ ୫୦ ରୁ ଅଧିକ ନେତାଙ୍କୁ ନିଲମ୍ବିତ କରାଯାଇଛି । ସେମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରୋହିତ ରାଜୌରିଆ ଅଛନ୍ତି, ଯିଏ ଗତ ୧୨ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି । ଦଳର କାର୍ଯ୍ୟକଳାପ ପରେ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରୋହିତ ରାଜୌରିଆ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି ଯେ, ଅକ୍ଟୋବର ୧୫ ରେ ମୁଁ ସୁପ୍ରିମକୋର୍ଟ ମାର୍ଚ୍ଚ ରାଲିରୁ ଫେରି ଆସିଥିଲି । ମୋର ଦାଦା ୧୬ ଅକ୍ଟୋବରରେ ଦେହାନ୍ତ କଲେ । ଏହା ପରେ ମୁଁ ପରିବାରରେ ଜଡିତ ହୋଇଗଲି । ରୋହିତ କହିଛନ୍ତି ଯେ, ଦଳର ୮୦ ପ୍ରତିଶତ କାର୍ଯ୍ୟକ୍ରମରେ ମୁଁ ଉପସ୍ଥିତ ଅଛି । ରୋହିତ ରାଜୌରିଆ କହିଛନ୍ତି ଯେ, ମୁଁ ୨୦୧୧ ଠାରୁ ସଂଗଠନ ପାଇଁ କାର୍ଯ୍ୟ କରିଆସୁଛି । ବର୍ତ୍ତମାନ ମୋ ପ୍ରତି ଅନ୍ୟାୟ କରାଯାଇଛି । କୌଣସି ଶୋ କଜ୍ ନୋଟିସ ନ ଦେଇ ମୋତେ ନିଲମ୍ବିତ କରାଯାଇଛି । ସେହି ଦିନ ମୋ ଘରେ ତ୍ରୟୋଦଶ ଦିନ ଥିଲା । ଅତିଥି ମାନେ ଆସିବା ଏବଂ ଯିବା ଆରମ୍ଭ କଲେ । ଏପରି ପରିସ୍ଥିତିରେ, ମୁଁ କୌଣସି କାର୍ଯ୍ୟକ୍ରମକୁ କିପରି ଯାଇପାରିବି ? ସେ କହିଛନ୍ତି ଯେ ଏହି ଅସୁବିଧା ସମୟରେ ସଂଗଠନର ଲୋକମାନେ ମୋତେ ସମର୍ଥନ କରିବା ଉଚିତ୍ । ମୁଁ ଦଳର ନେତା ମାନଙ୍କୁ ଏ ବିଷୟରେ ଜଣାଇଥିଲି । ରାଜ୍ୟ ସଭାପତିଙ୍କୁ ନିଜେ ମୁଁ ତ୍ରୟୋଦଶ କାର୍ଡ ଦେଇଥିଲି । ଏହାକୁ ଅନ୍ୟ ନେତା ମାନଙ୍କୁ ମଧ୍ୟ ମୁଁ ଦେଇଥିଲି । ସେମାନେ ଜାଣିଥିଲେ । କିନ୍ତୁ ଏହି ଘଣ୍ଟାରେ ସଂଗଠନର କେହି ଆସି ମୋତେ ଅସୁବିଧାରେ ପକାଇ ନଥିଲେ । ଏହା ସହିତ ରୋହିତ କହିଛନ୍ତି ଯେ ଆମେ ସଂଗଠନ ସହିତ ଜଡିତ । ରାହୁଲ ଗାନ୍ଧୀଙ୍କୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବ । ଦଳର ବରିଷ୍ଠ ନେତାଙ୍କ ନିକଟରେ ଆମେ ଆମର ମତାମତ ଦେବୁ । ଜାତୀୟ ଯୁବ ନେତୃତ୍ୱଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପରେ ଦିଲ୍ଲୀର ରାଲିରେ ୬୦ ଯୁବ କଂଗ୍ରେସ ନେତା ନିଲମ୍ବିତ ହୋଇଥିଲେ ।

ଦିନିକିଆରେ ଭାରତର ବିଜୟ ଅଭିଯାନ

କମ୍ବୋଜ-କୋହଲିଙ୍କ ଦମ୍‌ଦାର ପ୍ରଦର୍ଶନ, ୫ ୱିକେଟ୍‌ରେ ହାରିଲା କିୱି

ଅକ୍‌ଲାଣ୍ଡ୦୪।୧୧: ନ୍ୟୁଜିଲାଣ୍ଡ ଗସ୍ତରେ ଟ୍‌ବେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ଦିନିକିଆରେ ବି ଆଗୁଆ ହୋଇଯାଇଛି । ବୁଧବାର ସ୍ଥାନୀୟ ଇଡେନ୍ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୫ ୱିକେଟ୍ (ଡିଏଲ୍‌ଏସ୍)ରେ ଜିତି ନେଇଛି । ୧୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ୧ ରନ୍‌ରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା । ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ । ନବାଗତ କମ୍ବୋଜ (୨/୨୨)ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି ।

ଦଳୀୟ ସ୍କର୍ ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା । ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତୀତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା । ଏହାପରେ ଆଉ ୨ ଓଭର ଖେଳାଯାଇଛି ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା । ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା ।

କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ସ୍ମିଥ୍‌ଙ୍କ ବଲ୍‌ରେ ୱିକେଟ୍‌କିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପ୍ୟାଭିଲିୟନ୍ ଫେରିଥିଲେ । କିନ୍ତୁ ଉଭୟ ୧୧୩ ରନ୍‌ର ଭାଗୀଦାର ଗଢ଼ି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ । ଗିଲ୍‌ଙ୍କ ପରେ ଜାକବ ଡଫି ୩ ୱିକେଟ୍ ନେଇ ଭାରତର ବିଜୟ ବିଳମ୍ବ କରିଥିଲେ । ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର (୧୫)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ ।



ଶେଷରେ କେଏଲ୍ ରାହୁଲ (୩୫*) ଓ ନମନ ଧୀର (୫*) ଅପରାଜିତ ରହି ୫୬ ବଲ୍ ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲେ । ଅଂଶୁଲ କମ୍ବୋଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ଅନ୍ୟପକ୍ଷରେ କୋହଲି (୮୭୪୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପଶ୍ଚାତ୍‌ଧାବନ ଦିନିକିଆ ରନ୍‌ରେ କିଂବଦନ୍ତି ସଚିନ ତେନ୍ଦୁଲକର (୮୭୨୦)ଙ୍କୁ ଟପିଛନ୍ତି ।

ପୂର୍ବରୁ ଅର୍ଶଦୀପ ସିଂହ, ଗୁରନୂର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ହେଲେ ୧୧ ନମ୍ବର ବ୍ୟାଟର୍ ବ୍ଲେୟର ଟିକ୍‌ନରଙ୍କ ୨୩ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୩୪ ରନ୍‌ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନ ଜନକ ସ୍କର୍ କରିପାରିଥିଲା । ଅର୍ଶଦୀପଙ୍କ ଶେଷ ଓଭରରେ ଟିକ୍‌ନର ୩ଟି ଛକା ମାରି ଦଳୀୟ ସ୍କର୍ ୧୮୦ ପାର୍ କରିଥିଲେ । ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ ।

ପାୱାରପ୍ଲେରେ ଅର୍ଶଦୀପ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ । ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା । ଟିମ୍ ସେଫର୍ଟ (୩୮) ଓ ଡାରିଲ ମିଚେଲ (୨୮) ତୃତୀୟ ୱିକେଟ୍‌ରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ । ଏହାପରେ ଦଶମ ୱିକେଟ୍‌ରେ ଟିକ୍‌ନର ଓ ଡଫି (୧୫ ଅପରାଜିତ)ଙ୍କ ୪୫ ରନ୍ ଦ୍ୱିତୀୟ ସର୍ବାଧିକ ଭାଗୀଦାର ହୋଇଥିଲା ।

ସଂକ୍ଷିପ୍ତ ସ୍କର: ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍‌ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨) । ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪) ।

ଅକଲାଣ୍ଡରେ କୋହଲିଙ୍କ 'ବିରାଟ' ରେକର୍ଡ

ନୂଆଦିଲ୍ଲୀ,୦୪।୧୧: ଟି-ଟ୍ୱେଣ୍ଟି ପରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍ ଆରମ୍ଭ ହୋଇଛି । ଅକଲାଣ୍ଡରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯାଉଛି । ବର୍ଷା ପାଇଁ ଟସ୍ ବିଳମ୍ବରେ ପଡିଥିଲା । ଟିମ୍ ଇଣ୍ଡିଆ କ୍ୟାପଟେନ୍ ଗିଲ୍ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ

୩ ନମ୍ବରରେ ଦିନିକିଆରେ ସର୍ବାଧିକ ରନ୍-
୧୩୦୦୦ ରନ୍ - ବିରାଟ କୋହଲି (୬୧.୬୧)
୧୨୬୬୨ ରନ୍ - ରିକି ପଣ୍ଟିଂ (୪୨.୪୮)
୯୭୪୭ ରନ୍ - କେ ସାଙ୍ଗାକାରା (୪୪.୭୧)
୭୭୭୪ ରନ୍ - ଜ୍ୟାକ୍ କାଲିସ୍ (୪୫.୭୨)
୬୫୦୪ ରନ୍ - କେନ୍ ୱିଲିୟମସନ୍ (୫୧.୬୧)
୬୦୫୪ ରନ୍ - ବାବର ଆଜମ (୫୫.୫୪)
୫୫୨୫ ରନ୍ - ଜୋ ରୁଟ୍ (୫୩.୧୨)



। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮୫ ରନରେ ଅଲଆଉଟ୍ ହୋଇଛି । ଭାରତୀୟ ବୋଲର ଅର୍ଶଦୀପ ଏବଂ ଗୁରନୁର ବ୍ରାରଙ୍କ ଜାଲରେ ଫସିଥିଲା ଘରୋଇ ଦଳ । ୧୮୬ ରନର୍ ବିଜୟ ଲକ୍ଷ୍ୟ ନେଇ ଟିମ୍ ଇଣ୍ଡିଆ ଇନିଂସ ଆରମ୍ଭ କରିଥିଲା । ରୋହିତ ଶର୍ମା ଖାତା ଖୋଲି ପାରିନଥିଲେ । ଏହା ପରେ ବର୍ଷା ପାଇଁ କିଛି ସମୟ ଖେଳରେ ବ୍ରେକ୍ ଲାଗିଲା ଶେଷରେ ଡିଏଲଏସ ପଦ୍ଧତିରେ ୧୪୩ ରନର ଟାର୍ଗେଟ ସେଟ୍ କରାଯାଇଥିଲା । ଦ୍ୱିତୀୟ ଇନିଂସ ୩୨ ଓଭରକୁ କରାଯାଇଥିଲା । ରିପୋର୍ଟ ଲେଖାଯିବା ସୁଦ୍ଧା ବିରାଟ କୋହଲି ୩୪ ବଲ ଖେଳି ୪୭ ରନ୍ କରିଛନ୍ତି । ଯେଉଁଥିରେ ୭ଟି ଚୌକା ଏବଂ ଗୋଟିଏ ଛକା ରହିଛି । ଏହା ସହିତ ବିରାଟ ଅକଲାଣ୍ଡରେ ବଡ଼ ରେକର୍ଡ ଧମାକା କରିଛନ୍ତି । ନମ୍ବର ୩ରେ ବ୍ୟାଟିଂ କରି ୧୩ ହଜାର ରନ୍ କରିଥିବା ଏକମାତ୍ର ବ୍ୟାଟର ହୋଇଛନ୍ତି ।

ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୧୨ତମ ରନ୍ କରିବା ମାତ୍ରେ ସେ ଏକ ବିଶେଷ ସଫଳତା ହାସଲ କରିଛନ୍ତି । ସେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ୍ ସ୍କରର ଭାବେ ୩ ନମ୍ବରରେ ରହି ସାରିଥିଲେ । ବର୍ତ୍ତମାନ ବିଶ୍ୱ ରେକର୍ଡ କରିଛନ୍ତି । ପ୍ରଥମ ବ୍ୟାଟର ଭାବେ ଦିନିକିଆ କ୍ରିକେଟରେ ୩ ନମ୍ବରରେ ୧୩,୦୦୦ ରନ୍ ଅତିକ୍ରମ କରିଛନ୍ତି । ରିକି ପଣ୍ଟିଂ କିଛିଦିନ ପୂର୍ବରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ୩ ନମ୍ବରରେ ସର୍ବାଧିକ ରନ୍ କରିଥିବା ବ୍ୟାଟର ଥିଲେ, ଯିଏକି କିଛି ମାସ ପୂର୍ବରୁ ବିରାଟଙ୍କ ଠାରୁ ପଛରେ ରହିଥିଲେ । ବର୍ତ୍ତମାନ ଏଥିରେ ୧୩୦୦୦ ରନ୍ ଅତିକ୍ରମ କରିଥିବା ପ୍ରଥମ ବ୍ୟାଟର ହୋଇଛନ୍ତି କିଙ୍ଗ୍ କୋହଲି । ବିରାଟ କୋହଲି ମଧ ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ହାସଲ କରିଛନ୍ତି, ଯାହା ତାଙ୍କ ନାମରେ ଏକ ବିଶ୍ୱ ରେକର୍ଡ ।

ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ ୧୨୬୬୨ ରନ୍ କରିଥିଲେ । ତାଙ୍କର ହାରାହାରି ୪୨.୪୮ ଥିଲା, କିନ୍ତୁ ବିରାଟ ୬୦ରୁ ଅଧିକ ହାରାହାରି ସହ ତାଙ୍କୁ ଅତିକ୍ରମ କରି ବର୍ତ୍ତମାନ ୬୧.୬୧ ହାରରେ ୧୩ ହଜାରରେ ପହଞ୍ଚିଛନ୍ତି । ଅକଲାଣ୍ଡରେ ପ୍ରଥମ ଦିନିକିଆ ମ୍ୟାଚରେ ବିରାଟ କୋହଲିଙ୍କୁ ଦ୍ୱିତୀୟ ଓଭରରେ ପଡ଼ିଆରେ ବ୍ୟାଟିଂ କରିବାକୁ ଆସିବାକୁ ପଡ଼ିଥିଲା । କାରଣ ରୋହିତ ଶର୍ମା ୬ ବଲରେ ଖାତା ଖୋଲି ନପାରି ଆଉଟ୍ ହୋଇଥିଲେ ।

ବର୍ଷା ଆସିବା ପର୍ଯ୍ୟନ୍ତ ବିରାଟ ୨୭ ବଲରେ ୫ ଚୌକା ସାହାଯ୍ୟରେ ୨୯ ରନ୍ କରିଥିଲେ । ଭାରତୀୟ ଇନିଂସର ୧୦.୫ ଓଭର ପରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୦୭.୪୧ ଥିଲା । ଦ୍ୱିତୀୟ ୱିକେଟ୍ ପାଇଁ ସେ ଓପନର ଶୁଭମନ ଗିଲଙ୍କ ସହ ୫୦ ରନର ଭାଗିଦାରୀ କରିଥିଲେ । ଏହା ପରେ ଡିଏଲଏସରେ ଟାର୍ଗେଟ୍ ୧୪୩ କରାଯାଇଥିଲା । କୋହଲି ୪୭ ବଲରେ ୬୯ ରନ୍ କରି ଖେଳୁଛନ୍ତି । ୩୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ବିରାଟ । ଏହା ତାଙ୍କର ୮୦ ତମ ଦିନିକିଆ ଅର୍ଦ୍ଧଶତକ ।

ଅଲମ୍ପିକ୍ସ ଆୟୋଜକ ଦୌଡ଼ରେ ୭ ଦେଶ

ନୂଆଦିଲ୍ଲୀ,୦୪/୧୧: ୨୦୩୬ ଅଲିମ୍ପିକ୍ସ ଆୟୋଜନ ଦୌଡ଼ରେ ୭ ଦେଶ ମଧ୍ୟରେ ସାମିଲ ହୋଇଛି ଭାରତ । ଆଇଓସି (ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି) ନିରନ୍ତର ଆଲୋଚନା ପ୍ରକ୍ରିୟାରେ ଭାରତ ସମେତ ଜର୍ମାନୀ, ହଙ୍ଗେରୀ, କତାର, ଦକ୍ଷିଣ କୋରିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସାମିଲ ହୋଇଛନ୍ତି । ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଗୁଜରାଟର ଅହମ୍ମଦାବାଦକୁ ପ୍ରସ୍ତାବିତ ଆୟୋଜକ ସହର ଭାବେ ବିଡ୍‌ରେ



ସ୍ଥାନିତ କରାଯାଇଛି । ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମଧ ଏଠାରେ ଆୟୋଜିତ ହେବାକୁ ଯାଉଛି । ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ପ୍ରଥମେ ୨୦୨୪ରେ ଆଗ୍ରହପତ୍ର ଦାଖଲ କରିଥିଲା । ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏହି ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଆଇଓସି ପକ୍ଷରୁ ଘୋଷିତ ସମୟ ସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସ ମଧ୍ୟରେ ଆଗ୍ରହୀ ଦେଶ ଗୁଡ଼ିକ ନିଜ ଆୟୋଜନ ପ୍ରସ୍ତାବ ଫ୍ୟୁଚର ହୋଷ୍ଟ କମିଶନ ନିକଟରେ ଉପସ୍ଥାପନ କରିବେ ।

୨୦୨୭ ମାର୍ଚ୍ଚ ମାସରେ ପ୍ରାରମ୍ଭିକ ବିଡ୍ ମୂଲ୍ୟାୟନ ଓ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ ହେବ । ୨୦୨୮ ଡିସେମ୍ବର ମାସରେ ପସନ୍ଦର ଆୟୋଜକ ଦେଶ ଗୁଡ଼ିକ ସହ ଚୂଡ଼ାନ୍ତ ଆଲୋଚନା କରିବ ଆଇଓସି । ୨୦୨୯ ମଧ୍ୟଭାଗରେ ଆଇଓସି ସଦସ୍ୟମାନେ ଚୂଡ଼ାନ୍ତ ଆୟୋଜକ ଦେଶ ଚୟନ କରିବେ । ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସୁଯୋଗ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ଐତିହାସିକ ଉପଲବ୍ଧି ହୋଇପାରେ । ତେବେ ଏଥିପାଇଁ କ୍ରୀଡ଼ା ଭିତ୍ତିଭୂମି, ଆର୍ଥିକ ଯୋଜନା, ଜନସମର୍ଥନ, ଆୟୋଜନ କ୍ଷମତା ଏବଂ ଦୀର୍ଘମିଆଦୀ ଲାଭ ଭଳି ବିଭିନ୍ନ ଦିଗରେ ଭାରତକୁ ନିଜର ଦକ୍ଷତା ପ୍ରମାଣ କରିବାକୁ ପଡ଼ିବ

୧୭ ଯାଏ ଘୁଞ୍ଚିଲା ଖେଳାଳି ରିଟେନ୍

ନୂଆଦିଲ୍ଲୀ,୦୪/୧୧: ଆଗାମୀ ଆଇପିଏଲ୍ ନିଲାମ ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ ଖେଳାଳି ରିଟେନ ତାଲିକା ପ୍ରସ୍ତୁତିରେ ଲାଗିଛନ୍ତି । କିଛି ଖେଳାଳିଙ୍କୁ ନେଇ ଟ୍ରେଡିଂ ପ୍ରତିଦ୍ୱନ୍ଦ୍ୱିତା ମଧ ଜୋରଦାର ହୋଇଛି । ଇତି ମଧ୍ୟରେ ବିସିସିଆଇ ଖେଳାଳି ରିଟେନ୍ ଚୂଡ଼ାନ୍ତ ପାଇଁ ୨ ଦିନ ବୃଦ୍ଧି କରିଛି । ଆସନ୍ତା ୧୭ ତାରିଖ ସୁଦ୍ଧା ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଚୂଡ଼ାନ୍ତ ଖେଳାଳି ରିଟେନ ତାଲିକା ପ୍ରଦାନ କରିବାକୁ ବିସିସିଆଇ ନିର୍ଦ୍ଦେଶ ଦେଇଛି । ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟ୍ରେଡ୍ କରିବାକୁ ନେଇ ପ୍ରାୟତଃ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ସମ୍ପ୍ରତି ପଞ୍ଜାବ କିଙ୍ଗ୍‌ସ ସମସ୍ତଙ୍କୁ ପଛରେ ପକାଇ ଦେଇଛି । ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ସମ୍ପ୍ରତି ଜୋରଦାର ଆଲୋଚନା ଚାଲିଛି ।

ପାଣ୍ଡ୍ୟାଙ୍କ ବଦଳରେ ୨ଜଣ ଖେଳାଳିଙ୍କୁ ନେବାକୁ ମୁମ୍ବାଇ ଇଣ୍ଡିଆନ୍ସ ଦାବି କରିଛି । ପେସ୍ ବୋଲର ଅର୍ଶଦୀପ ସିଂହଙ୍କ ସହ ୱିକେଟ କିପର ବିଷ୍ଣୁ ବିନୋଦଙ୍କୁ ନେବାକୁ ମୁମ୍ବାଇ ଇଣ୍ଡିଆନ୍ସ ଆଗ୍ରହ ପ୍ରକାଶ କରିଥିବା ବେଳେ ପଞ୍ଜାବ କିଙ୍ଗ୍‌ସ ମଧ ଏହି ପ୍ରସ୍ତାବରେ ରାଜି ଥିବା ସୂଚନା ମିଳିଛି । ଏପର୍ଯ୍ୟନ୍ତ ଉଭୟ ଫ୍ରାଞ୍ଚାଇଜ ପକ୍ଷରୁ ସମ୍ପୂର୍ଣ୍ଣ ଆଲୋଚନାକୁ ଗୁପ୍ତ ରଖା ଯାଇଛି । ପାଣ୍ଡ୍ୟାଙ୍କୁ ନେଇ କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପରକିଙ୍ଗ୍‌ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍ସ ମଧ ଆଗ୍ରହ ଦର୍ଶାଇଥିଲେ । କେବଳ ନାଇଟ ରାଇଡର୍ସ ସହ ମୁମ୍ବାଇ ଇଣ୍ଡିଆନ୍ସର ଆଲୋଚନା କିଛି ମାତ୍ରାରେ ଆଗେଇଥିଲା ।

ପଞ୍ଜାବ କିଙ୍ଗ୍‌ସ ପାଣ୍ଡ୍ୟାଙ୍କୁ ନେଲେ ମଧ ନାଇଟ୍ ରାଇଡର୍ସ ଆଉ ଜଣେ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିଙ୍କୁ ନେବାକୁ ଆଗ୍ରହୀ ଥିବା ଜଣା ପଡ଼ିଛି । ସେ ହେଉଛନ୍ତି ସୂର୍ଯ୍ୟକୁମାର ଯାଦବ । ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହେବା ଏକ ପ୍ରକାର ନିଶ୍ଚିତ ରହିଛି । ଏହା ପରେ ଆଉ ଜଣେ ଖେଳାଳି ବଦଳ ପାଇଁ ପଞ୍ଜାବ ଲକ୍ଷ୍ନୌ ସୁପରଜାଏଣ୍ଟ ସହ ପ୍ରୟାସ କରିବ । ମାର୍କସ୍ ଷ୍ଟଇନିସଙ୍କ ବଦଳରେ ପଞ୍ଜାବ କିଙ୍ଗ୍‌ସ ପେସ ବୋଲର ମହସିନ ଖାନଙ୍କୁ ଆଣିବା ପାଇଁ ଲକ୍ଷ୍ନୌ ସହ ଆଲୋଚନା ଜାରି ରଖିଛି । କାରଣ ପାଣ୍ଡ୍ୟା ପଞ୍ଜାବ କିଙ୍ଗ୍‌ସରେ ଯୋଗ ଦେଲେ ଷ୍ଟଇନିସଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ଅପର ପକ୍ଷରେ ଦେଖିବାକୁ ଗଲେ ମହସିନଙ୍କୁ ଆଣି ପଞ୍ଜାବ କିଙ୍ଗ୍‌ସ ଅର୍ଶଦୀପଙ୍କ ସ୍ଥାନ ପୂରଣ କରିପାରିବ ।

ଏଫ୍‌୧ରେ କିମି ସର୍ବକନିଷ୍ଠ ବିଶ୍ୱ ଚାମ୍ପିଅନ୍

ଲଣ୍ଡନ,୦୪।୧୧: ସବୁ ଆକଳନ ଓ ପୂର୍ବାନୁମାନର ଅନ୍ତ ଘଟାଇ ମର୍ସିଡିସ୍ ଡ୍ରାଇଭର କିମି ଆଣ୍ଟୋନେଲି ଚଳିତ ବର୍ଷ ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି । ସଦ୍ୟ ସମାପ୍ତ ମେକ୍ସିକାନ ଗ୍ରାଁପ୍ରିରେ ତୃତୀୟ ସ୍ଥାନ ଦଖଲ କରିବା ସହ ଆଣ୍ଟୋନେଲିଙ୍କ ବିଶ୍ୱ ଟାଇଟଲ ନିଶ୍ଚିତ ହୋଇଥିଲା । ଆଗକୁ



ଆଉ ୪ଟି ରେସ ବାକି ଥିବାବେଳେ ସେ ଚାମ୍ପିଅନ୍ ଘୋଷିତ ହୋଇଥିଲେ । ମେକ୍ସିକୋରେ ରେଡବୁଲ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ । ୭୧ ଲାପ ବିଶିଷ୍ଟ ମୋଟ୍ ୩୦୫.୩୫୪ କିଲୋ ମିଟର ଦୂରତାକୁ ସେ ୨ଘଣ୍ଟା ୨୦ ମିନିଟ୍ ୨୮.୭୭୨ ସେକେଣ୍ଡରେ ଅତିକ୍ରମ କରିଥିଲେ ।

ଫରାରୀ ଡ୍ରାଇଭର ଲୁଇସ ହାମିଲ୍ଟନ ଅତିରିକ୍ତ +୦.୭୯୯ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନ ଦଖଲ କରିଥିଲେ । ଆଣ୍ଟୋନେଲି ଅତିରିକ୍ତ +୪.୦୦୬ ସେକେଣ୍ଡରେ ରେସ୍ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ । ଏହି ରେସ୍ରୁ ଆଣ୍ଟୋନେଲି ୧୫ ପଏଣ୍ଟ ଅର୍ଜନ କରିଥିଲେ । ଡ୍ରାଇଭର ଷ୍ଟାଣ୍ଡିଂରେ ତାଙ୍କ ପଏଣ୍ଟ ୩୮୦ରେ ପହଞ୍ଚିଥିଲା । ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ୪ଟି ରେସ୍ ବାକି ଥାଇ ଟାଇଟଲ ନିଶ୍ଚିତ କରିଛନ୍ତି । ୧୯ଟି ରେସ୍‌ରୁ ସେ ମୋଟ୍ ୩୮୦ ପଏଣ୍ଟ ଅର୍ଜନ କରି ସାରିଛନ୍ତି । ୨୬୧ ପଏଣ୍ଟ ସହ ଭର୍ଷ୍ଟାପେନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଭର୍ଷ୍ଟାପେନ ଶେଷ ୪ଟି ଯାକ ରେସ୍ ଜିତିଲେ ମଧ ପଏଣ୍ଟ ତାଲିକାରେ ଆଣ୍ଟୋନେଲିଙ୍କୁ ଅତିକ୍ରମ କରିପାରିବେ ନାହିଁ ।

ଏହି ବିଜୟ ସହ ଆଣ୍ଟୋନେଲି ସର୍ବକନିଷ୍ଠ ଡ୍ରାଇଭର ଭାବେ ବିଶ୍ୱ ଟାଇଟଲ ଜିତିବାରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ରେସ୍ ବିଜୟ ଦିନ ତାଙ୍କ ବୟସ ଥିଲା ୨୦ ବର୍ଷ ୬୮ଦିନ । ପୂର୍ବରୁ ଏହି ରେକର୍ଡ ଜର୍ମାନୀର ସେବାଷ୍ଟିଆନ ଭେଟେଲଙ୍କ ନାମରେ ରହିଥିଲା । ୨୦୧୦ରେ ରେଡବୁଲ୍ ପକ୍ଷରୁ ବିଶ୍ୱ ଟାଇଟଲ ହାସଲ କରିବା ବେଳକୁ ଭେଟେଲଙ୍କ ବୟସ ଥିଲା ୨୩ ବର୍ଷ ୪ମାସ ୧୧ଦିନ । ଦୀର୍ଘ ୭୩ ବର୍ଷ ପରେ ଇଟାଲୀ ଡ୍ରାଇଭର ଭାବେ ଆଣ୍ଟୋନେଲି ବିଶ୍ୱ ଟାଇଟଲ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ଇଟାଲୀ ନାଗରିକ ଭାବେ ଆଲବର୍ଟୋ ଆସ୍କାରି ୧୯୫୨ ଓ ୧୯୫୩ରେ ବିଶ୍ୱ ଟାଇଟଲ ଜିତିଥିଲେ । ଇଟାଲୀ ପକ୍ଷରୁ ଗିଉସେପ୍ପି ନିନୋ ଫାରିନା ୧୯୫୦ରେ ପ୍ରଥମ ବିଶ୍ୱ ଟାଇଟଲ ଜିତିଥିଲେ । ସେହିବର୍ଷ ପ୍ରଥମ କରି ଫର୍ମୁଲା ୱାନ ରେସ୍ ଆୟୋଜନ କରାଯାଇଥିଲା ।

ଆଇସିସି ରାଙ୍କିଂରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ,୪।୧୧: ଆଇସିସି ପକ୍ଷରୁ ବୁଧବାର ଜାରି ହୋଇଥିବା ସଦ୍ୟତମ ରାଙ୍କିଂରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ପୁଣିଥରେ ଟେଷ୍ଟ ବୋଲିଂ ରାଙ୍କିଂର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ଦକ୍ଷିଣ ଆଫ୍ରିକାର ମାର୍କ ୟାନସେନଙ୍କୁ ପଛରେ ପକାଇ ଷ୍ଟାର୍କ ଏହି ସଫଳତା ହାସଲ କରିଛନ୍ତି । ଷ୍ଟାର୍କଙ୍କ ରେଟିଂ ପଏଣ୍ଟ ୮୮୧ ଥିବାବେଳେ ୟାନସେନଙ୍କ ପଏଣ୍ଟ ୮୭୫ ରହିଛି । ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟେଷ୍ଟରେ ଷ୍ଟାର୍କ ୯ଟି ୱିକେଟ୍ ନେଇଥିଲେ । ଏହି ଦମ୍‌ଦାର ପ୍ରଦର୍ଶନ ତାଙ୍କୁ ରାଙ୍କିଂରେ ଗୋଟିଏ ପାହାଚ ଉପରକୁ ଉଠାଇଛି । ଟେଷ୍ଟ ସହ ଟି-୨୦ ରାଙ୍କିଂରେ ମଧ ପରିବର୍ତ୍ତନ ହୋଇଛି । ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଦୁଇଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ରାଙ୍କିଂରେ ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି । ଟି-୨୦ ବ୍ୟାଟିଂ ଟପ୍-୧୦ରେ ଭାରତର ତିନି ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଅଭିଷେକ ଶର୍ମା ପ୍ରଥମ ସ୍ଥାନରେ ଥିବାବେଳେ ଈଶାନ କିଶନ ତୃତୀୟ ସ୍ଥାନରେ ରହିଛନ୍ତି । ଦକ୍ଷିଣ ଆଫ୍ରିକାର ସ୍ପିନର ସାଇମନ୍ ହାର୍ମର ଟେଷ୍ଟ ବୋଲିଂ ରାଙ୍କିଂରେ ୯ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ସେ ୧୦ଟି ୱିକେଟ୍ ନେଇଥିଲେ । ଏହା ସହ ଟେଷ୍ଟ ବୋଲିଂ ଟପ୍-୧୦ରେ ଦକ୍ଷିଣ ଆଫ୍ରିକାର ତିନି ଜଣ ବୋଲର ସ୍ଥାନ ପାଇଛନ୍ତି । କାଗିସୋ ରବାଡା ଅଷ୍ଟମ ସ୍ଥାନରେ ଅଛନ୍ତି । ଟେଷ୍ଟ ବୋଲିଂ ରାଙ୍କିଂର ଟପ୍-୫ରେ ଷ୍ଟାର୍କ ପ୍ରଥମ, ୟାନସେନ ଦ୍ୱିତୀୟ, ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ତୃତୀୟ, ଇଂଲଣ୍ଡର ଓଲି ରବିନ୍‌ସନ ଚତୁର୍ଥ ଏବଂ ଭାରତର ଯଶପ୍ରୀତ ବୁମ୍ରା ପଞ୍ଚମ ସ୍ଥାନରେ ରହିଛନ୍ତି । ଟେଷ୍ଟ ଅଲ୍‌ରାଉଣ୍ଡର ରାଙ୍କିଂରେ ମାର୍କ ୟାନସେନ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । କେପ୍‌ଟାଉନ୍‌ରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ସେ ମାତ୍ର ୩ଟି ୱିକେଟ୍ ନେଇଥିଲେ ମଧ ବ୍ୟାଟ୍‌ରେ ୫୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ଏହି ରାଙ୍କିଂରେ ଭାରତର ରବୀନ୍ଦ୍ର ଜାଡେଜା ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ୱିଆନ୍ ମୁଲଡର ତୃତୀୟ, ବାଂଲାଦେଶର ମେହେଦୀ ହାସନ ମିରାଜ ଚତୁର୍ଥ ଏବଂ ସାଇମନ୍ ହାର୍ମର ପଞ୍ଚମ ସ୍ଥାନରେ ଅଛନ୍ତି ।

ଭାରତ-ନ୍ୟୁଜିଲାଣ୍ଡ ଏ ଟେଷ୍ଟ ଡ୍ର'

ନୂଆଦିଲ୍ଲୀ,୦୪।୧୧: ଲଗାତାର ନିରାଶ କରିବା ପରେ ଶେଷରେ ଫର୍ମକୁ ଫେରି ଶତକ ହାସଲ କରିଛନ୍ତି ଯଶସ୍ୱୀ ଜୈସ୍ୱାଲ । କିନ୍ତୁ ପ୍ରଥମ ମ୍ୟାଚ୍ ପରି ଦ୍ୱିତୀୟ ଟେଷ୍ଟ ବି ଡ୍ର' ହୋଇଛି । ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୧୦ ୱିକେଟ୍ ହରାଇ ୩୪୬ ରନ୍ କରିଥିଲେ । ଜୈସ୍ୱାଲ ଖାତା ଖୋଲି ପାରିନଥିଲେ । ତୃତୀୟ ଦିବସରେ ନ୍ୟୁଜିଲାଣ୍ଡ ଏ' ପ୍ରଥମ ଇନିଂସରେ ୪୨୪ରନ କରି ମୋଟ୍ ୭୮ ରନ୍ ?ରେ ଅଗ୍ରଣୀ ହାସଲ କରିଥିଲା । ଜବାବରେ ଭାରତ ଏ' ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ୨୮୨ ରନ୍ କରିଛି । ଯଶସ୍ୱୀ ଜୈସ୍ୱାଲ ୧୫ ଚୌକା ଏବଂ ୫ ଛକା ବଳରେ ଅପରାଜିତ ୧୫୫ ରନର ଇନିଂସ ଖେଳିଛନ୍ତି । ସେହିପରି ସାଇ ସୁଦର୍ଶନ ୧୧ ରନ୍, ଯଶ ରାଠୋର ୧୦୦ ରନ୍ କରିଛନ୍ତି । ଦେବଦତ୍ତ ପାଡିକଲ ନିରାଶ କରିଥିଲେ ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର